Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୦୮
Volum. - 22 ■ Issue No.- 08
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
କୋଶଳ ପ୍ରବାହ
www.koshalaprabaha.com

R.N.I.No.: ODIODI/2000/03637 / ୨୬ ଡିସେମ୍ବର ୨୦୨୧ - ୦୧ ଜାନୁଆରୀ ୨୦୨୨ / 26 Dec.2021 - 01 Jan. 2022 / Odia Weekly / 8 Pages / Rs.2/- only

# ପବିତ୍ର ବଡ଼ଦିନ : ଖ୍ରୀଷ୍ଟିୟ ସମାଜରେ ହର୍ଷୋଲ୍ଲାସ



ବଲାଙ୍ଗିର, (ନିପ୍ର) : ପବିତ୍ର ବଡ଼ଦିନ ଅବସରରେ ସାରା ଖ୍ରୀଷ୍ଟିୟ ସମାଜରେ ଗତକାଲି ଆନନ୍ଦ ଉଲ୍ଲାସର ମାହୋଲ୍ ସୃଷ୍ଟି ହୋଇଛି । ଖ୍ରୀଷ୍ଟ ଧର୍ମର ଜନକ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନକୁ ବଡ଼ଦିନ ଭାବରେ ବଡ଼ ଧୁମ୍‌ଧାମ୍‌ରେ ସାରା ବିଶ୍ୱରେ ପାଳନ କରାଯାଉଛି । ପରସ୍ପର ପ୍ରତି ପ୍ରେମ, ସଦ୍‌ଭାବ ରକ୍ଷା କରାଯାଇ ପାରିଲେ ବିଶ୍ୱ ଶାନ୍ତି, ମୈତ୍ରୀର ଏକ ପବିତ୍ର ସ୍ଥାନରେ ପରିଣତ ହୋଇ ପାରିବ ବୋଲି ସମସ୍ତ ଧର୍ମ ପ୍ରଚାରକ ତଥା ଧର୍ମଗ୍ରନ୍ଥ ଦ୍ୱାରା ବିଶ୍ୱାସ ରହିଛି । ଭାରତରେ ସବୁ ଧର୍ମର ଲୋକେ ବସବାସ କରନ୍ତି । ହିନ୍ଦୁ, ମୁସଲ୍‌ମାନ, ଖ୍ରୀଷ୍ଟିଆନ୍ ?, ଶିଖ୍ ?, ସାଇଟ. ସମସ୍ତେ ନିଜ ନିଜ ଧର୍ମର ଆଦର୍ଶକୁ ପାଳନ କରନ୍ତି । କିନ୍ତୁ ଏହା ଚ଼ରମ ଓ ପରମ ସତ୍ୟ ଯେ, ସବୁ ଧର୍ମର ମୁଖ୍ୟ ବୋଧଭୂଇଁ ମାନବିକତାକୁ ବଳବତ୍ତର କରିବାର ଆଭିମୁଖ୍ୟରେ ଉର୍ବର । ମଣିଷ ଭିତରେ ମଣିଷପଣିଆ ରହିବାକୁ ସଦା ସଦ୍‌ମନ୍ତ୍ର ପ୍ରଦାନ କରିଥାଏ ପ୍ରତ୍ୟେକ ଧର୍ମ । ଦୟା, କ୍ଷମା, ସଦ୍‌ଭାବ ଓ ପ୍ରେମକୁ ମଣିଷ ଭିତରେ ଉଜ୍ଜୀବିତ କରି ଗଢ଼ି ତୋଳିବା ନିମନ୍ତେ ଭିନ୍ନ ଭିନ୍ନ ଭଙ୍ଗିରେ ସମସ୍ତ ଧର୍ମରେ କୁହାଯାଇଛି । ସର୍ବୋପରି କହିବାକୁ ଗଲେ, ପ୍ରତ୍ୟେକ ଧର୍ମର ମୂଳ ଉଦ୍ଦେଶ୍ୟ ହେଉଛି ପରସ୍ପର ମଧ୍ୟରେ ଭ୍ରାତୃତ୍ୱ, ସହଭାଗିତା, ପ୍ରେମ ଓ ସଦ୍‌ଭାବ ସଂପର୍କ ସ୍ଥାପନ । ସାରା ବିଶ୍ୱର ମଣିଷ ଏକ । ସମସ୍ତଙ୍କ ଚିନ୍ତନ ପ୍ରେମମୟ ହେବା ନିତାନ୍ତ ପ୍ରୟୋଜନ । ଖ୍ରୀଷ୍ଟିୟ ସମାଜରେ ବିଶ୍ୱାସ ରହିଛି ଯେ, ଯୀଶୁ ଖ୍ରୀଷ୍ଟ ଧରାପୃଷ୍ଠରେ ଜନ୍ମଗ୍ରହଣ କରି *(ଦ୍ୱିତୀୟ ପୃଷ୍ଠା ଦେଖନ୍ତୁ)*

# ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ପ୍ରସଙ୍ଗରେ କଥା ବେଶୀ କାମ କମ୍ : ସୂଚନା କର୍ମୀ ହେମନ୍ତ ପଣ୍ଡା




ବଲାଙ୍ଗିର, (ନିପ୍ର) : ଖୋର୍ଦ୍ଧା-ବଲାଙ୍ଗିର ନିର୍ମାଣାଧୀନ ରେଳପଥ ସମଗ୍ର ଦେଶର ଏକ ବିଳମ୍ବିତ ପ୍ରକଳ୍ପ ଭାବେ ଜଣାଶୁଣା । ଖୋର୍ଦ୍ଧା, ନୟାଗଡ, କନ୍ଧମାଳ, ସୁବର୍ଣ୍ଣପୁର ଓ ବଲାଙ୍ଗିର ଜିଲ୍ଲାର ଜନସାଧାରଣଙ୍କ ଦାବୀକୁ ସମ୍ମାନ ଦେଇ ଏହି ରେଳପଥର ନିର୍ମାଣ କାର୍ଯ୍ୟକୁ କ୍ଷୀପ୍ରତର କରିବା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ରେଳ ବିଭାଗ ଆଗେଇ ଆସି ୨୦୧୫ ମସିହାରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । କୌଣସି ଏକ ରେଳପଥର ନିର୍ମାଣ ପାଇଁ କେନ୍ଦ୍ର ଓ ରେଳ ବିଭାଗର ଏଭଳି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ଦେଶରେ ପ୍ରଥମ ଘଟଣା ବୋଲି ପ୍ରଚାର କରାଯାଇଥିଲା । ବୁଝାମଣାପତ୍ର ଅନୁଯାୟୀ ୨୦୨୧ ମସିହା ସୁଦ୍ଧା ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା । କିନ୍ତୁ ରେଳପଥ ନିର୍ମାଣ କାର୍ଯ୍ୟରେ ବିଶେଷ ଅଗ୍ରଗତି ହୋଇନାହିଁ ଏବଂ ବର୍ତ୍ତମାନ ମଧ୍ୟ ଉପେକ୍ଷାର ଅନ୍ତ ହୋଇନାହିଁ ବୋଲି ଆଜି ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ପୂର୍ବତଟ ରେଳ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ।


ଓଡିଶାର ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ଦେଶର ରେଳ ମନ୍ତ୍ରୀ ଦାୟିତ୍ୱ ନେବା ପରେ ରେଳ ବିକାଶ କ୍ଷେତ୍ରରେ ଓଡିଶାର ଭାଗ୍ୟୋଦୟ ହେଲା ବୋଲି ରାଜ୍ୟବାସୀ ଆଶା କରିଥିଲେ । ହେଲେ ରାଜ୍ୟ ରାଜଧାନୀରୁ ଏହି ରେଳପଥ ଦ୍ୱାରା ସଂଯୋଗ ହେବାକୁଥିବା ଅଂଚଳର ଲୋକଙ୍କ ଭାଗ୍ୟ ଏବେବି ବଦଳି ନାହିଁ ବୋଲି ପଣ୍ଡା କହିବା ସଙ୍ଗେ ଓଡିଶା ପ୍ରତି ରେଳ ବିଭାଗର ଉପେକ୍ଷାମୂଳକ ମାନସିକତା ଆଜିବି ବଳବତ୍ତର ରହିଛି ବୋଲି କହିଛନ୍ତି । ବୁଝାମଣାପତ୍ର ଅନୁସାରେ ରାଜ୍ୟ ଓ କେନ୍ଦ୍ର ୫୦-୫୦ ଭାଗ ଅର୍ଥ ଖର୍ଚ୍ଚ କରିବା ସହ ରାଜ୍ୟ ମାଗଣାରେ ଜମି ହସ୍ତାନ୍ତର କରିବା ନେଇ ସ୍ଥିର ହୋଇଥିଲା । କିନ୍ତୁ ୨୦୧୫ ମସିହା ରାଜିନାମା ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ୫୦-୫୦ ଭାଗ ଅର୍ଥ ଅଂଶ ଖର୍ଚ୍ଚ କରିନଥିବା ଶ୍ରୀ ପଣ୍ଡା କହିଛନ୍ତି । ୨୦୧୫-୧୬ ଆର୍ଥିକ ବର୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ *(ଷଷ୍ଠ ପୃଷ୍ଠା ଦେଖନ୍ତୁ)*

# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହାଇକୋର୍ଟଙ୍କ ଆବେଦନ : ରାଲିରେ ଭିଡ଼ ହ୍ରାସ କରନ୍ତୁ, ନିର୍ବାଚନ ସ୍ଥଗିତ ରଖିବାକୁ ବିଚାର କରନ୍ତୁ




ପ୍ରୟାଗରାଜ : ଦେଶରେ କରୋନା ଭୂତାଣୁ ସଂକ୍ରମଣର ନୂତନ ଭାରିଆଂଟ ଓମିକ୍ରନ୍‌ର ଆଶଙ୍କା ଆହୁରି ଗଭୀର ହେବାରେ ଲାଗିଛି । ଏଭଳି ପରିସ୍ଥିତିରେ ଆସନ୍ତା ବର୍ଷ ଉତ୍ତରପ୍ରଦେଶ ସମେତ ପାଞ୍ଚଟି ରାଜ୍ୟରେ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ନିର୍ବାଚନ ରାଲିରେ ଭିଡ଼ ଜମିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଆହ୍ଲାବାଦ ହାଇକୋର୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନିର୍ବାଚନ ଆୟୋଗଙ୍କୁ ନିର୍ବାଚନ ରାଲିରେ ଭିଡ଼ ହ୍ରାସ କରିବାକୁ ଏବଂ ନିର୍ବାଚନକୁ ସ୍ଥଗିତ ରଖିବାକୁ ବିଚାର କରିବାକୁ ଅନୁରୋଧ କରିଛନ୍ତି । ରାଜ୍ୟରେ ନିର୍ବାଚନ ରାଲି ଏବଂ ବୈଠକ ବନ୍ଦ କରିବା ପାଇଁ ପ୍ରଧାନମନ୍ତ୍ରୀ ଏବଂ ନିର୍ବାଚନ କମିଶନ୍‌ର କଠୋର ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି ।




DADLS-54




OIPR-15001/13/0093/2122

# ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଖପରା ଡୁଙ୍ଗୁରି ଗୁମ୍ଫା ଅବହେଳିତ ଅବସ୍ଥାରେ : ଗମନାଗମନ ପାଇଁ ପକ୍କା ରାସ୍ତା ନାହିଁ, ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବୀ



ସଇଁନ୍ତଲା, (ନିପ୍ର) : ରାଜ୍ୟ ସରକାର ପଶ୍ଚିମ ଓଡିଶାର ବିଭିନ୍ନ ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଦେଉଥିବା କହୁଛନ୍ତି । ହେଲେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ସ୍ଥିତ ଖପରାଡୁଙ୍ଗୁରି ଗୁମ୍ଫା ଅବହେଳିତ ଅବସ୍ଥାରେ ଥିବା ସହ ମନ୍ଦିର ଉନ୍ନତି ପାଇଁ ସାତସପନ ହୋଇ ଥିବାର ଦୃଶ୍ୟ ଦେଖିବାକୁ ମିଳିଛି ।

ଏହି ଖପରା ଡୁଙ୍ଗୁରି ପାଟଣାଗଡ଼ ଓ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ସୀମାରେ ରହିଅଛି । ତେଣୁ ଏହି ସ୍ଥାନକୁ ପାଟଣାଗଡ଼ ସହରରୁ ଦକ୍ଷିଣକୁ ଥିବା ଧୂମାଭଟା ଗ୍ରାମରୁ ସଇଁନ୍ତଲା ଯିବା ରାସ୍ତାରେ ଠିକ୍ ୧ କିଲୋମିଟର ଗଲା ପରେ ଚାରିଛକରୁ ପ୍ରାୟ ୪ କିଲୋମିଟର ଉତ୍ତରକୁ ଏହି ପାହାଡ଼ଟି ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି ।

ଟିକ୍ରାପଡ଼ା ପଞ୍ଚାୟତର ୧୦ କିଲୋମିଟର ଗଲାପରେ ରହିଛି ଏହି ଖପରାଡୁଙ୍ଗୁରି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଛି ମନ୍ଦିର । ଏଥିରେ ରହିଛି ଜଗନ୍ନାଥ, ହନୁମାନ ଓ ଲକ୍ଷ୍ମୀଙ୍କର ମନ୍ଦିର । ମନ୍ଦିର ଚାରି ପାଖରେ ଚଟାଣ ମଧ୍ୟ ରହିଛି । ଅନ୍ୟପଟେ ଘଞ୍ଚ ଅରଣ୍ୟ ମଧ୍ୟରେ ରହିଥିବା ମନ୍ଦିରରେ ବର୍ଷ ସାରା ପୂଜାର୍ଚ୍ଚନା ହେଉଥିବା ବେଳେ ରଥଯାତ୍ରା ବେଶ ଧୂମ୍‌ଧାମ୍‌ରେ ପାଳିତ ହୋଇଥାଏ । ସାତ ଜଣ ମୁନି ଋଷି ତପସ୍ୟା କରୁଥିବା ବେଳେ ଏହି ସ୍ଥାନକୁ ସପ୍ତର୍ଷି ମଠ ଭାବରେ ପରିଚିତ । ପୌରାଣିକ ଯୁଗରେ ଅନେକ ଋଷିମାନେ ତପସ୍ୟା କରିବା ସହ ପାଖରେ ଥିବା ଗୁମ୍ଫାରେ ରହି ଭଗବାନଙ୍କର ନିକଟତମ ହୋଇଥିବା କିମ୍ବଦନ୍ତି ରହିଛି ।

ଏହି ଗୁମ୍ଫା ମଧ୍ୟରେ ଚାରୀ ଗୋଟି ରାସ୍ତା ଥିବା ବେଳେ ଗୁମ୍ଫା ଭିତରେ ଏକ

















ପାରୁନଥିବା ଅନୁମେୟ କରାଯାଇଛି । ଅନ୍ୟପଟେ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କର ପ୍ରାଦୁର୍ଭାବ ବଢି ଚାଲିଥିବା ଦେଖିବାକୁ ମିଳିଛି ।

ତେବେ ଏହି ମନ୍ଦିରକୁ ସକା ଦାସ, ଲଣ୍ଡା ଦାସ, ସଗୁଆ ଦାସ, ଜଟାଲୁଟ ଦାସ, ବନ ଦାସ, ମୁକ୍ତେଶ୍ୱର ଦାସ, ଖୁଟଲା ଦାସ, ବଟୁ ଦାସ, ବେଣୁଧର ଦାସ ଓ ଲଟୁ ଦାସ କାହିଁ କେତେ ଯୁଗରୁ ପୂଜା କରି ଆସୁଥିବା ବେଳେ ମାତାମାନେ ମଧ୍ୟ ତପସ୍ୟା କରୁଥିବାର ଜଣାପଡିଛି । ପ୍ରକାଶ ଥାଉକି ଯେ, ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଏହି ଖପରା ଡୁଙ୍ଗୁରିର ପାଦଦେଶରେ ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ଶିବ ମନ୍ଦିର ଅବସ୍ଥିତ । ମନ୍ଦିରମାନଙ୍କ ମଧ୍ୟଭାଗରେ ଏକ ବହୁ ପୁରାତନ ବଟବୃକ୍ଷ ବିଦ୍ୟମାନ ।

ଯାହାକି ପରିବେଶର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକୁ ଏକତ୍ରିତ କରୁଛି । ଏହା ବ୍ୟତୀତ ଏହି ସ୍ଥାନରେ ଥିବା ସୁମିଷ୍ଟ ଜଳ ଥିବା

ବାବା ଯାଇ ଫେରି ଆସିଥିଲେ ।

ଏହି ପାହାଡର ପଶ୍ଚିମକୁ ଠିକ୍ ୧ କିଲୋମିଟର ଗଲା ପରେ ଥିବା ଏକ ଚଟାଣରେ ଅନେକ ମୁନି ଋଷିମାନଙ୍କ ସନ୍ଧ୍ୟା ତର୍ପଣ କରିବା ତଥା ବସିବା ପିଛା ଚିହ୍ନ ମାନ ମଧ୍ୟ ଦେଖିବାକୁ ମିଳେ । ଯାହାକୁ ଏ ଅଞ୍ଚଳବାସୀ "ମୁନି ଚୁତଲ" ନାମରେ ନାମିତ କରିଛନ୍ତି । ପ୍ରତିବର୍ଷ ଏଠାରେ ଥିବା ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଉତ୍ସବ ମହାଆଡମ୍ବରରେ ପାଳନ କରାଯାଇଥାଏ ।

ଏହି ରଥଯାତ୍ରାକୁ ଦେଖିବା ପାଇଁ ବହୁ ଦୂରଦୁରାନ୍ତରରୁ ବହୁ ପରିମାଣରେ ଜନ ସମାଗମ ହୋଇଥାଏ ଏବଂ ଏହି ପାହାଡ଼ର ଶିଖର ଦେଶରେ ପ୍ରତିବର୍ଷ ଗିରି ଗୋବର୍ଦ୍ଧନ ପୂଜା ମଧ୍ୟ ବେଶ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ । ମନ୍ଦିରର ଅନତୀ ଦୂରରେ ପଶୁ ପତି ଶିବ ଭଗବାନଙ୍କ ମନ୍ଦିର ଅନୁଷ୍ଠିତ । ଯେଉଁଠି ପ୍ରତିବର୍ଷ ଶୀତଳଷଷ୍ଠୀ ବା ଶିବ ବିବାହ ମହୋତ୍ସବ ପାଳନ କରାଯାଇଥାଏ । ତେବେ ମଠାଧିସଙ୍କ ଅବସ୍ଥା ବିଷୟରେ ଅନୁଧ୍ୟାନ କଲେ ଜଣାଯାଏ ଯେ, ବହୁ ପୂର୍ବରୁ ଏକ ଜଟାକୁଟଧାରୀ ବାବା ଅଜ୍ଞାତରେ ଆସି ଏଠାରେ ଅବସ୍ଥାନ କରିଥିଲେ । ସଂରକ୍ଷିତ ଜଙ୍ଗଲରେ ଅବସ୍ଥାନ ଅବୈଧ ବୋଲି ଜଙ୍ଗଲ ବିଭାଗ ଜାଣିବା ପରେ ତାଙ୍କୁ ନିଷେଧ କରାଯାଇଥିଲା । ତେଣୁ ଏଥିରେ ସେ କ୍ଷୁବ୍ଧ ହୋଇ ସ୍ଥାନ ତ୍ୟାଗ କରିଥିବା ବେଳେ ପ୍ରବାଦ ଅଛି ନିଜ ପାଇଁ ସେ ନିଜର କମଣ୍ଡଳୁକୁ ନିକ୍ଷେପ କରି ଜଳର ସନ୍ଧାନ ପାଇଥିଲେ । କମଣ୍ଡଳୁଟି ଯେଉଁ ସ୍ଥାନରେ ପଡିଲା ସେ ସ୍ଥାନରେ ଲୋକମାନଙ୍କ ସାହାଯ୍ୟରେ ଏକ କୂପ ଖନନ କରିଥିଲେ ଏବଂ ସେଠାରୁ ସେ ପ୍ରଚୁର ପରିମାଣରେ ଜଳ ପାଇପାରିଥିଲେ ।

ଏହାର ସତ୍ୟତା ସ୍ୱୀକାର୍ଯ୍ୟ କାରଣ ପାହାଡ଼ର ପାଦଦେଶରେ ତଥା ପ୍ରସ୍ତର ପୂର୍ଣ୍ଣ ଅଞ୍ଚଳରେ ଏବେ ସୁଦ୍ଧା ଜଳର ସନ୍ଧାନ ନ ଥିବା ଜଣାପଡିଛି । ସାଧୁସନ୍ଥମାନଙ୍କ ଦ୍ୱାରା ଖନନ କରିଥିବା ପୁଷ୍କରିଣୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ପରବର୍ତ୍ତୀ ସମୟରେ ସ୍ୱର୍ଗତ ଲଟା ବାବା ବାଲ୍ୟବ୍ରହ୍ମଚାରୀ ପରେ ବେଣୁଧର ବାବା ସଂସାରୀ ବର୍ତ୍ତମାନ ଦିଗମ୍ବର ବାବାଙ୍କ ତତ୍ତ୍ୱାବଧାନରେ ମନ୍ଦିରର ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇ ଆସୁଛି ।

ତେବେ ଏଭଳି ଏକ ମନ୍ଦିର ଓ ଗୁମ୍ଫାର ପରିଦର୍ଶନ ପାଇଁ ରାସ୍ତାଘାଟ, ବିଦ୍ୟୁତ ସଂଯୋଗ ଓ ପାଣିର ବ୍ୟବସ୍ଥା ଭଳି ଅନେକ ସମସ୍ୟା ରହିଥିବା ବେଳେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେଇ ତାର ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ଦାବୀ ହେଉଛି ।

ପୋଖରୀ ରହିଛି ବୋଲି ବର୍ତ୍ତମାନର ପୂଜକ ଡ଼ା ପ୍ରଣବାନନ୍ଦ ଦାସ କହିଛନ୍ତି । ମନ୍ଦିରକୁ ଯିବାକୁ ହେଲେ ପାହାଡ ଜଙ୍ଗଲ ଘେରା ରାସ୍ତା ଦେଇ ଯିବାକୁ ପଡୁଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଲୋକଙ୍କୁ ବେଶ ଆକୃଷ୍ଟ କରିଥାଏ ।

ଏବେ ଅବହେଳିତ ଅବସ୍ଥାରେ ସରକାରୀ ସହାୟତା ସାତ ସପନ ପାଲଟିଥିବା ବେଳେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଗୁମ୍ଫା କିମ୍ବା ମନ୍ଦିରର ଉନ୍ନତି ଦିଗରେ ସ୍ଥାନୀୟ ପ୍ରଶାସନ ଅବହେଳା ଯୋଗୁଁ ଏବେ ବି ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ମିଳି ନଥିବା ବେଳେ ଏଭଳି ଏକ ପର୍ଯ୍ୟଟନ ସ୍ଥଳୀ ଲୁପ୍ତ ଅବସ୍ଥାରେ ରହିଯାଇଛି ଫଳରେ ଅନେକ ଲୋକେ ଜାଣି

ଅଗଭୀର କୂଅ ଓ ଚତୁଃର୍ପାଶ୍ୱରେ ଥିବା ବଗିଚା ସ୍ଥାନଟି ବେଶ ମନୋରମ ଦୃଶ୍ୟ ଭଳି ଦେଖିବାକୁ ମିଳିଛି । ତେବେ ଏହି ପ୍ରାକୃତିକ ଗୁମ୍ଫାରେ ବହୁ ପୂର୍ବରୁ ଋଷିମାନେ ତାଙ୍କର ଆଶ୍ରୟ ସ୍ଥଳୀ କରିଥିବା ବେଳେ ତାଙ୍କର ଦୃଷ୍ଟାନ୍ତ ବର୍ତ୍ତମାନ ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି ।

ଏହା ବ୍ୟତୀତ ଏହି ଗୁମ୍ଫାର ଭିତରେ ଏକ ସୁ-ଗଭୀର ସୁଡଙ୍ଗ ରହିଥିବା ବେଳେ ପୂର୍ବଋଷି ମାନେ କହନ୍ତି ଯେ, ଗୁମ୍ଫା ମଧ୍ୟରେ ଅତିକାୟ ସର୍ପ, ରମ୍ୟ ସରୋବର ଆଦି ଥିବା ବେଳେ ଏମାନେ ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଦିନରେ ବାହାରନ୍ତି ବୋଲି ଜଣାପଡିଛି । ତେବେ ଏହି ସରୋବର ନିକଟକୁ ପୂର୍ବରୁ ଖୁଟଲା ଦାଶ ନାମକ ଜଣେ

## ସଂପାଦକୀୟ

# ପବିତ୍ର ବଡ଼ଦିନ ଅବସରରେ.....

ପବିତ୍ର ବଡ଼ଦିନ ଅବସରରେ ସାରା ଖ୍ରୀଷ୍ଟିୟ ସମାଜରେ ଆନନ୍ଦ ଉଲ୍ଲାସର ମାହୋଲ୍ ସୃଷ୍ଟି ହୁଏ । ଖ୍ରୀଷ୍ଟ ଧର୍ମର ଜନକ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନକୁ ବଡ଼ଦିନ ଭାବରେ ବଡ଼ ଧୁମ୍‌ଧାମ୍‌ରେ ସାରା ବିଶ୍ୱରେ ପାଳନ କରାଯାଇଥାଏ । ପରସ୍ପର ପ୍ରତି ପ୍ରେମ, ସଦ୍‌ଭାବ ରକ୍ଷା କରାଯାଇ ପାରିଲେ ବିଶ୍ୱ ଶାନ୍ତି ମୈତ୍ରୀର ଏକ ପବିତ୍ର ସ୍ଥାନରେ ପରିଣତ ହୋଇ ପାରିବ ବୋଲି ସମସ୍ତ ଧର୍ମ ପ୍ରଚାରକ ତଥା ଧର୍ମଗ୍ରନ୍ଥ ଦ୍ୱାରା ବିଶ୍ୱାସ କରାଯାଇଛି । ଚଳିତ ବର୍ଷ କରୋନା ସଂକ୍ରମଣର ଆଶଙ୍କା ଅନ୍ୟ ସବୁ ପର୍ବ ପର୍ବାଣୀ ପରି ବଡ଼ଦିନ ପର୍ବକୁ ବି ଫିକା କରିଦେଇଛି । ସାମାଜିକ ଦୂରତା ରକ୍ଷା ତଥା ଜନଗହଳି ନକରିବା ଭଳି ସରକାରୀ କଟକଣା ଯୋଗୁଁ ବଡ଼ଦିନ ପର୍ବ ପାଳନରେ କିଛି ବ୍ୟତିକ୍ରମ ଦେଖାଦେଇଛି । କିନ୍ତୁ ଖ୍ରୀଷ୍ଟ ଭାଇଭଉଣୀମାନେ ନିଜ ନିଜ ଘରେ ଏବଂ କରୋନା କଟକଣା ଅନୁପାଳନ କରି ପବିତ୍ର ବଡ଼ଦିନକୁ ପାଳନ କରିଛନ୍ତି ।

ଭାରତରେ ସବୁ ଧର୍ମର ଲୋକେ ବସବାସ କରନ୍ତି । ହିନ୍ଦୁ, ମୁସଲ୍‌ମାନ, ଖ୍ରୀଷ୍ଟିଆନ୍ ଶିଖ୍, ସାଇ.... ସମସ୍ତେ ନିଜ ନିଜ ଧର୍ମର ଆଦର୍ଶକୁ ପାଳନ କରନ୍ତି । କିନ୍ତୁ ଏହା ଚରମ ଓ ପରମ ସତ୍ୟ ଯେ, ସବୁ ଧର୍ମର ମୁଖ୍ୟ ବୋଧଭୂଇଁ ମାନବିକତାକୁ ବଳବତ୍ତର କରିବାର ଆଭିମୁଖ୍ୟରେ ଉର୍ବର । ମଣିଷ ଭିତରେ ମଣିଷପଣିଆ ରହିବାକୁ ସଦା ସତ୍‌ମନ୍ତ୍ର ପ୍ରଦାନ କରିଥାଏ ପ୍ରତ୍ୟେକ ଧର୍ମ । ଦୟା, କ୍ଷମା, ସଦ୍‌ଭାବ ଓ ପ୍ରେମକୁ ମଣିଷ ଭିତରେ ଉଜ୍ଜୀବିତ କରି ଗଢ଼ି ତୋଳିବା ନିମନ୍ତେ ଭିନ୍ନ ଭିନ୍ନ ଢଙ୍ଗରେ ସମସ୍ତ ଧର୍ମରେ କୁହାଯାଇଛି । ସର୍ବୋପରି କହିବାକୁ ଗଲେ, ପ୍ରତ୍ୟେକ ଧର୍ମର ମୂଳ ଉଦ୍ଦେଶ୍ୟ ହେଉଛି ପରସ୍ପର ମଧ୍ୟରେ ଭ୍ରାତୃତ୍ୱ, ସହଭାଗିତା, ପ୍ରେମ ଓ ସଦ୍‌ଭାବ ସଂପର୍କ ସ୍ଥାପନ । ସାରା ବିଶ୍ୱର ମଣିଷ ସମାନ । ସମସ୍ତଙ୍କ ଚିନ୍ତନ ପ୍ରେମମୟ ହେବା ନିତାନ୍ତ ପ୍ରୟୋଜନ । ଯୀଶୁ ଖ୍ରୀଷ୍ଟ ଧରାପୃଷ୍ଠରେ ଜନ୍ମଗ୍ରହଣ କରି ମଣିଷ ସମାଜକୁ ଆଲୋକର ପଥ ପ୍ରଦାନ କରିଛନ୍ତି । ମଣିଷ ସହ ମଣିଷର ସଂପର୍କକୁ ମଜ୍‌ବୁତ୍ କରିବା ଉଦ୍ଦେଶ୍ୟରେ ଅନେକ ବାର୍ତ୍ତା ଦେବା ସହ ନିଜେ କୃଶବିଦ୍ଧ ହେବା ପର୍ଯ୍ୟନ୍ତ 'କ୍ଷମା' ଭଳି ପରମ ଆଦର୍ଶକୁ ପାଳନ କରିଛନ୍ତି । ତାଙ୍କ ମହାନତା ପାଇଁ ସେ ଆଜି ବିଶ୍ୱ ଦରବାରେ ଈଶ୍ୱରଙ୍କ ପରମ ସନ୍ତାନ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ଆଦର୍ଶରେ ଜନଜୀବନ ପବିତ୍ର ହେଉ, ଏହା ହିଁ ଏଭଳି ଏକ ପବିତ୍ର ମୁହୂର୍ତ୍ତରେ କାମନା କରାଯାଇପାରେ ।

# ନୂତନ ବିଜୁ ଆଦର୍ଶ କଲୋନୀର ୨୪୩ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଂଟନ



ବଲାଙ୍ଗିର, (ନିପ୍ର) : ଓଡ଼ିଶା ସରକାରଙ୍କ ଜାଗା ମିଶନ ଅନ୍ତର୍ଗତ ୨୪୩ ଜଣ ବଲାଙ୍ଗିର ପୌରାଂଚଳରେ ବସବାସ କରୁଥିବା ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଜିଲ୍ଲାପାଳ ତଥା ପୌର ପ୍ରଶାସକ ଚଂଚଳ ରାଣାଙ୍କ ଦ୍ୱାରା ବଂଟନ କାର୍ଯ୍ୟ ଆରମ୍ଭ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଆନନ୍ଦନଗର-୩ (ସୂର୍ଯ୍ୟନଗର)ରୁ ବିସ୍ଥାପିତ ହୋଇଥିବା ହିତାଧିକାରୀମାନଙ୍କୁ ଏହି କାର୍ଯ୍ୟାଦେଶ ଆବଂଟନ ହୋଇଅଛି । ସୂଚନା ଯୋଗ୍ୟ ଯେ, ଗତ ନଭେମ୍ବର ୧୫ ତାରିଖରେ ଚାରୋଟି ବସ୍ତିର ଏହି ୨୪୩ ଜଣ ହିତାଧିକାରୀଙ୍କୁ ଲଟେରୀ ମାଧ୍ୟମରେ ୱାର୍ଡ ନଂ.୧୭ ସ୍ଥିତ ମାଲଗୋଦାମପଡ଼ାର୍ରେ ଚିହ୍ନଟ ହୋଇଥିବା ୯ ଏକର ଜାଗାରେ ପ୍ରତି ହିତାଧିକାରୀଙ୍କ ପିଛା ୩୨୩ ବର୍ଗଫୁଟ୍‌ର ଜମି ଅଧିଗ୍ରହଣ ପ୍ରମାଣପତ୍ର (ଏଲଆର୍ ?ସି) ବଲାଙ୍ଗିର ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆବଂଟନ କରାଯାଇଥିଲା । ପରବର୍ତ୍ତି ପର୍ଯ୍ୟାୟରେ ଏହି ୨୪୩ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ବିସ୍ତୃତ ପ୍ରକଳ୍ପ ବିବରଣୀ (ଡିପିଆର୍) ପଠାଯାଇଥିଲା, ଯାହା ଜାଗା ମିଶନ ଅନ୍ତର୍ଗତ ପୁନଃ ବସତି ସ୍ଥାପନ ପାଇଁ ନୂତନ ବିଜୁ ଆଦର୍ଶ କଲୋନୀ ନିର୍ମାଣ କରାଯିବ । ଏହି ପର୍ଯ୍ୟାୟ କ୍ରମରେ ଆଜିଠାରୁ ୨୪୩ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ଦେବାର ଆରମ୍ଭ କରାଯାଇଛି । ବଲାଙ୍ଗିର ସହରର ବିଭିନ୍ନ ବସ୍ତି ଉନ୍ନୟନ ସଂଘଙ୍କ ପୂର୍ଣ୍ଣ ସହଯୋଗରେ ଏହି ସବୁ ଆବାସ ଗୃହ ନିର୍ମାଣ କରାଯିବ । ସୂଚନା ଥାଉ କି ମାଲଗୋଦାମପଡ଼ା ସ୍ଥିତ ଏହି ବିଜୁ ଆଦର୍ଶ କଲୋନୀରେ ପ୍ରାୟ ୭୦୦ଟି ଗୃହ ନିର୍ମାଣ କାର୍ଯ୍ୟ କରାଯିବ । ପ୍ରତ୍ୟେକ ଗୃହ ପାଇଁ ପାଇଖାନା, ଆଲୋକୀକରଣ, ରାସ୍ତା, ଡ୍ରେନ୍, ପାନୀୟ ଜଳ ଯୋଗାଣ, ପାର୍କ ତଥା ଓପେନ୍ ସ୍ପେସ୍ ଡେଭ୍‌ଲପ୍‌ମେଂଟ୍ ଏବଂ ପରିଚୟ ଗୃହର ନିର୍ମାଣ ମଧ୍ୟ କରାଯିବ । ବଲାଙ୍ଗିର ପୌରାଂଚଳର ବିଭିନ୍ନ ବସ୍ତିର ହିତାଧିକାରୀମାନେ ଓଡ଼ିଶା ସରକାରଙ୍କ ଏହି ପ୍ରଶଂସନୀୟ ପଦକ୍ଷେପକୁ ପୂର୍ଣ୍ଣ ରୂପେ ସ୍ୱାଗତ କରିବା ସହ ନିଜର ଖୁସି ବ୍ୟକ୍ତ କରିଛନ୍ତି । ଆବାସ ଯୋଜନା କାର୍ଯ୍ୟାଦେଶ ବଂଟନ ସମୟରେ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସାଏ ଓ ପୌର ପରିଷଦର ବିପିନ ବିହାରୀ ଦୀପ ଉପସ୍ଥିତ ଥିଲେ ।

# ୨୭ରେ ଗାଇସିଲେଟ ତହସିଲ ଘେରାଉ କରିବ ଆଦିବାସୀ ଓବିସି ଦଳିତ ସେନା

ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକରେ ମିଳିଥିବା ୪ ଡିସମିଲ ପଟ୍ଟାର ସୀମା ଚିହ୍ନଟ ପାଇଁ ଆସନ୍ତା ୨୭ ତାରିଖ ସୋମବାର ଦିନ ତହସିଲ ଅଫିସ ଘେରାଉ କରିବ ଆଦିବାସୀ ଓବିସି ଦଳିତ ସେନା ଗାଇସିଲେଟ ଶାଖା ।

ସେଥିପାଇଁ ଆଜି ବୁରୋମୁଣ୍ଡାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗୋବର୍ଦ୍ଧନ ଭୂଏ, ଶଶିଭୂଷଣ ବରିହା, ଗୋପାଳ ଭୂଏ, ସଂଜୟ ଜରଜରିଆ, ଯଜ୍ଞେଶ୍ୱର ପଧାନ, ରଙ୍କମଣୀ ପଧାନ,



ଲୋକନାଥ ବରିହା ପ୍ରମୁଖ ଯୋଗଦାନ କରିଥିଲେ ।

## ପବିତ୍ର ବଡ଼ ଦିନ : ଖ୍ରୀଷ୍ଟିୟ ସମାଜରେ ହର୍ଷୋଲ୍ଲାସ... (୧ମ ପୃଷ୍ଠାରୁ)

ମଣିଷ ସମାଜକୁ ଆଲୋକର ପଥ ପ୍ରଦାନ କରିଛନ୍ତି । ମଣିଷ ସହ ମଣିଷର ସଂପର୍କକୁ ମଜ୍‌ବୁତ୍ କରିବା ଉଦ୍ଦେଶ୍ୟରେ ଅନେକ ବାର୍ତ୍ତା ଦେବା ସହ ନିଜେ କୃଶବିଦ୍ଧ ହେବା ପର୍ଯ୍ୟନ୍ତ "କ୍ଷମା' ଭଳି ପରମ ଆଦର୍ଶକୁ ପାଳନ କରିଛନ୍ତି । ତାଙ୍କ ମହାନତା ପାଇଁ ସେ ଆଜି ବିଶ୍ୱ ଦରବାରେ ଈଶ୍ୱରଙ୍କ ପରମ ସନ୍ତାନ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ଆଦର୍ଶରେ ଜନଜୀବନ ପବିତ୍ର ହେଉ, ଏହା ହିଁ ଏଭଳି ଏକ ପବିତ୍ର ମୁହୂର୍ତ୍ତରେ 'କୋଶଳ ପ୍ରବାହ' ପରିବାର କାମନା କରୁଛି ।

## ରାମଚଣ୍ଡୀ ମନ୍ଦିର ପରିସରରେ ବିଧାୟକଙ୍କ ଦ୍ୱାରା କଲ୍ୟାଣ ମଣ୍ଡପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ



ବ୍ରହ୍ମପୁର, (ନିପ୍ର) : ଛତ୍ରପୁର ସଦର ଦପ୍ତରଠାରୁ ମାତ୍ର ୭ କି.ମି. ଦୂରରେ ଏକ କ୍ଷୁଦ୍ର ପାହାଡ଼ରେ ବିରାଜିତ ପ୍ରସିଦ୍ଧ ମା ରାମଚଣ୍ଡୀ ମନ୍ଦିରର ଉନ୍ନୟନମୂଳକ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବୈଠକ ପୂର୍ବରୁ ମନ୍ଦିର ପରିସରରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କଲ୍ୟାଣ ମଣ୍ଡପ ସମ୍ପୂର୍ଣ୍ଣ ହେବା ଦିଗରେ ଆବଶ୍ୟକ ଅର୍ଥ ବିନିଯୋଗ ନେଇ ଛତ୍ରପୁର ବିଧାୟକଙ୍କ ସହ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଆଲୋଚନା କରିଥିଲେ । କଲ୍ୟାଣମଣ୍ଡପ ପ୍ରକଳ୍ପର ସମ୍ପନ୍ନ ନିମନ୍ତେ ଅନୁଦାନର ବିହିତ ବ୍ୟବସ୍ଥା କରାଯିବ ବୋଲି ବିଧାୟକ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରଶାନ୍ତ କୁମାର ନାୟକ ଏବଂ କରପଡା ସରପଞ୍ଚ ଶ୍ରୀମତୀ ସୁଷମା ନାୟକ ଯୋଗ ଦେଇଥିଲେ ମନ୍ଦିର ଟ୍ରଷ୍ଟର ଇଂ.ବିନୋଦ କୁମାର ପାଢୀ, ପରିଚାଳନା କମିଟିର ପରାମର୍ଶଦାତା ରବିନ୍ଦ୍ର ନାଥ ପଣ୍ଡା, କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ମହାରଣା, ସଂପାଦକ ରବିନ୍ଦ୍ର କୁମାର ପଣ୍ଡା (ବାବୁଲି) ଉପସଭାପତି କ୍ଷୀରୋଦ ଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର ପାଢୀ, କୋଷାଧ୍ୟକ୍ଷ ସୁରେଶ କୁମାର ପଣ୍ଡା, ପରିଚାଳକ ତଥା ସଂଯୋଜକ କମଳ କୁମାର ପଣ୍ଡା, ମନ୍ଦିର ଟ୍ରଷ୍ଟ ସଦସ୍ୟ ଲକ୍ଷ୍ମୀ ନୃସିଂହ ପଣ୍ଡା, କମିଟି ସଦସ୍ୟ ଭାସ୍କର ନାୟକ, ଅରୁଣ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଆନୁଷ୍ଠାନିକ ଭାବେ ମନ୍ଦିର ଟ୍ରଷ୍ଟ ଓ ପରିଚାଳନା କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିସରରେ ଚାଲିଥିବା କଲ୍ୟାଣ ମଣ୍ଡପ, ହନୁମାନ ମନ୍ଦିର, ସୌନ୍ଦର୍ଯ୍ୟକରଣ ସ୍ଥାନ, ପାନୀୟଜଳର ବନ୍ଦୋବସ୍ତ, ପାଣି ଟାଙ୍କି, ମାର୍କେଟ କମ୍ପ୍ଲେକ୍ସ ସହ ବିବିଧ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଯଥାଶୀଘ୍ର ଏହାର କାର୍ଯ୍ୟକାରୀତା ଦିଗରେ ସଭିଏଁ ଧ୍ୟାନଦେଇ ପରିଚାଳିତ କରିବାକୁ ବୈଠକରେ ମତ ପ୍ରକାଶ ପାଇଛି ।

## କଳାକାର ଭତ୍ତାରୁ ବଞ୍ଚିତ ମୁରଲୀ ସାହୁ



ପଦ୍ମପୁର, (ନିପ୍ର) : ବରଗଡ଼ ଜିଲ୍ଲାରେ ୨ ହଜାରରୁ ଅଧିକ ହିତାଧିକାରୀ ସରକାରଙ୍କ କଳାକାର ଭତ୍ତା ପାଉଛନ୍ତି । ତେବେ କଳାକାର ଚିହ୍ନଟ ପ୍ରକ୍ରିୟା ସମୟରେ ବହୁ ଅନିୟମିତତାର ଅଭିଯୋଗ ହୋଇଛି । ବହୁ ବାସ୍ତବ କଳାକାର ଏହି ଭତ୍ତାରୁ ବଞ୍ଚିତ ହୋଇଥିବା ବେଳେ କେତେକ ଅଯୋଗ୍ୟ କଳାକାର ଏହି ଭତ୍ତା ହାତେଇବାରେ ସଫଳ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ବିଜେପୁର ବ୍ଲକ୍ ଭଟିଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସନ୍ଧିବାହାଲି ଗାଁର ଜଣାଶୁଣା କଳାକାର ମୁରଲୀ ସାହୁ । ଦୀର୍ଘ ୨୫ ବର୍ଷ ଉଭୟ ବାହକ ଏବଂ କବିତା କଳାକୁ ବୃତ୍ତି ଭାବେ ଆପଣେଇଥିବା ମୁରଲୀ ଏ ପର୍ଯ୍ୟନ୍ତ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ପ୍ରଥମ ଥର ଯେଉଁ କଳାକାର ତାଲିକା ସରକାର ପ୍ରସ୍ତୁତ କରିଥିଲେ, ସେଥିରୁ ସେ ବାଦ ପଡ଼ିଛନ୍ତି । ଗୋଟିଏ ପଟେ ଲକ୍‌ଡାଉନ ଯୋଗୁଁ ନିଜ କଳାକୁ ବଞ୍ଚାଇ ରଖିବା ମୁସକିଲ ହୋଇପଡୁଛି । ଅନ୍ୟପଟେ କଳାକାର ଭତ୍ତା ତାଲିକାରୁ ବାଦ ପଡ଼ିବା ଘଟଣା ତାଙ୍କୁ ମର୍ମାହତ କରିଛି । ଏବେବି ସମୟ ପାଇଲେ କରୋନା କଟକଣା ସହ ଗାଁ କ୍ଲବ ଘରେ ଖୋଳ, ମୃଦଙ୍ଗ ଇତ୍ୟାଦି ବଜାଇ ସେ ସମୟ ଅତିବାହିତ କରିଥାନ୍ତି । ଏହାଛଡ଼ା ଅଂଚଳର ସେ ଜଣେ ଆଶୁ ଭାବରେ ଜଣାଶୁଣା । ଲକଡାଉନ ଯୋଗୁ କଳାକୁ ବଞ୍ଚାଇ ପରିବାର ଚଳାଇବା ମୁସକିଲ ହୋଇପଡୁଛି । ତେଣୁ କଳାକାର ଭତ୍ତା ଯୋଗାଇ ଦେବାକୁ ସେ ଦାବୀ କରିଛନ୍ତି ।

## ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳିତ



ପାଟଣାଗଡ଼, (ନିପ୍ର) : ପାଟଣାଗଡ଼ ଭାରତୀୟ ଜନତା ପାର୍ଟିର ପ୍ରାଣ, ଭାରତରତ୍ନ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୭ତମ ଜନ୍ମ ଜୟନ୍ତୀ ଓ ସୁଶାସନ ଦିବସ ରାଜଖମାରଠାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ୧୯୨୪ ମସିହା ୨୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସେ ବାଲ୍ୟକାଳରୁ ଜଣେ ସ୍ପଷ୍ଟବାଦୀ ଛାତ୍ର ସହିତ ଏକ ଦକ୍ଷ ରାଜ ନୈତିଜ୍ଞ ହେବା ଫଳରେ ଭାରତକୁ ସୁଶାସନର ମଞ୍ଜି ପୋତି ଥିଲେ । ତାଙ୍କ ସମୟରେ ଭାରତର ଭିତ୍ତିଭୂମି ଦୃଢ ହେବା ସହିତ ଲୋକଙ୍କର ଆର୍ଥିକ ଅବସ୍ଥା ସୁଧୁରି ଥିଲା । ଭାରତର କୋଣ ଅନୁକୋଣରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡକ ଯୋଜନା ମାଧ୍ୟମରେ ଭାରତକୁ ଏକ ବିକାଶଶୀଳ ରାଷ୍ଟ୍ରରେ ପରିଣତ କରିବାର ଭୂମିକା ଦିଗରେ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ବଲାଙ୍ଗିର ସାଂସଦ ସଂଗିତା କୁମାରୀ ସିଂଦେଓ, ମୁଖ୍ୟ ଅତିଥି, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିବା ବେଳେ ପାଟଣାଗଡ଼ ଏନ୍‌ଏସି ଚେୟାର୍‌ମେନ୍ ମାନସ ମଞ୍ଜରୀ ପାଣିଗ୍ରାହୀ, ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକ, ନଗର ସଭାପତି ମୁନା ମହାନ୍ତି, ପ୍ରଦୀପ ବଂଶଲ, ମାଧବ ସାଏ, ବଲ୍ଲଭ ଧରୁଆ, ରାଜୁ ପାଣିଗ୍ରାହୀ, ରମାନାଥ ହୋତା, ମୁନା ଦରୁଆନ, ମୁରୁସିନିନା, ଅଶୋକ କୁଅଁର, ବିଶ୍ୱମ୍ଭର ପାଣିଗ୍ରାହୀ, ଅରକ୍ଷିତ ଯୋଷୀ ପ୍ରମୁଖ ଉପସ୍ଥିତ ରହି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତିଚାରଣ କରିଥିଲେ ।

## ରେଂଜ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ଲୋକାର୍ପିତ



ଡେଲାଙ୍ଗ, (ନିପ୍ର) : ପୁରୀ ଜିଲ୍ଲା ଡେଲାଙ୍ଗ ପଞ୍ଚାୟତ ସମିତି ଅଧିନସ୍ଥ ରେଂଜ ଗ୍ରାମ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ଓ ମିଶନ ଶକ୍ତି ଗୃହକୁ ଶୁକ୍ରବାର ଅପରାହ୍ନରେ ନବନିର୍ବାଚିତ ବିଧାୟକଙ୍କ ରୁଦ୍ର ପ୍ରତାପ ମହାରଥୀ ଲୋକାର୍ପଣ କରିଛନ୍ତି ।

ଏହି ଉତ୍ସବରେ ସ୍ଥାନୀୟ ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୈରାଗୀ ଜେନା, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କବୀନ୍ଦ୍ର ବଳବନ୍ତରାୟ, ମିଶନ ଶକ୍ତି ମହିଳା ମହାସଂଘର ସମ୍ପାଦିକା ବାସନ୍ତୀ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରତିମା ମଲ୍ଲିକ, ସମିତି ସଭ୍ୟା ପ୍ରସାଦୀନୀ ଦୟଣା, ଆମ୍ବାର ଅଧ୍ୟକ୍ଷ ସୁଧାକର ମାର୍ଥା, ରେଂଜ ମହିଳା ମହାସଂଘର ସଭାପତି କବିତା ଜେନା ପ୍ରମୁଖ ଉପସ୍ଥିତ ରହି ଲୋକାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରତ୍ନାକର ଜେନା, ବାଳକୃଷ୍ଣ ଜେନା ୱାର୍ଡ ସଭ୍ୟ/ସଭ୍ୟା, ଦଳୀୟ କର୍ମୀ, ନେତୃବୃନ୍ଦ ସମେତ ବହୁ ସଂଖ୍ୟାରେ ମହିଳା ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ପଞ୍ଚାୟତସ୍ତରୀୟ ଶିଶୁଙ୍କ ପାଇଁ ଦିନଟିଏ : ଶିଶୁ ହସିଲେ ଦୁନିଆଁ ହସିବ




ପାଟଣାଗଡ଼, (ନିପ୍ର) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ବିକାଶ ବର୍ମା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁ ଯୋଗଦେଇଥିଲେ । ସୁନାମୁଦି ଅଙ୍ଗନବାଡି କର୍ମୀ କୌଶଲ୍ୟା ସୁନା ମଞ୍ଚ ପରିଚାଳନା କରିଥିଲେ । ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ କରି ପରେ ଗାଁ ପରିକ୍ରମା କରି, ବାଲ୍ୟ ଅବସ୍ଥାକୁ ସୁରକ୍ଷା ଦିଅ ଶିଶୁ ମୁହଁରେ ହସ ଫୁଟାଅ, ବାଲ୍ୟ ବିବାହ ଧନ୍ଦା ପୋଲିସ ହାତେ ବନ୍ଧା, ପିଲାଙ୍କୁ କଲେଜ ସମ୍ମାନ ସମାଜର ବଢଇ ମାନ ସ୍ଲୋଗାନ କରିଥିଲେ । ଏଥିରେ ଅଙ୍ଗନବାଡି କର୍ମୀ ବାଲେଶ୍ୱରୀ ବାଗ, ତେଜକାନ୍ତି ନାଗ, ଗୋମତି ନାଗ, ସୁନିତା ବାଗ, ନିରୁପମା ଶବର, ସ୍ନେହଲତା ମିଶ୍ର, ନିରାମଣି ବିଶ୍ୱାଳ, କମଳା ସଗରିଆ ଓ କିଶୋରୀମାନେ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଟଙ୍କପାଣି ଅଙ୍ଗନବାଡି କର୍ମୀ ଅଞ୍ଜଳି ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ।

## ମନରେଗା ଯୋଜନାରେ ଅନିୟମିତତା ଅଭିଯୋଗ : ପ୍ରକୃତ ଶ୍ରମିକ ପାରିଶ୍ରମିକ ପାଇବାରୁ ବଞ୍ଚିତ




ନୂଆପଡ଼ା, (ନିପ୍ର) : ନୂଆପଡ଼ା ଜିଲ୍ଲା ଖଡ଼ିଆଲ ବ୍ଲକ ଖଇରା ପଞ୍ଚାୟତ ଚଲାନପଡ଼ା ହାଇସ୍କୁଲ ଖେଳପଡ଼ିଆର ଉନ୍ନତିକରଣ ନିମନ୍ତେ ମନରେଗା ଯୋଜନାରେ ପାଞ୍ଚ ଲକ୍ଷ ଟଙ୍କା ବିନିମୟରେ ହୋଇଥିବା କାର୍ଯ୍ୟରେ ନିଯୁକ୍ତ ଥିବା ଶ୍ରମିକମାନଙ୍କୁ ଏପର୍ଯ୍ୟନ୍ତ ସେମାନଙ୍କ ମଜୁରୀ ମିଳି ନଥିବା ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁସାରେ କାମ କରି ନଥିବା ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟରେ ମଜୁରୀ ଟଙ୍କା ଜମା ହୋଇଛି । ଏହାଦ୍ୱାରା ପ୍ରକୃତ ଶ୍ରମିକ ପାରିଶ୍ରମିକରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି । ବିଭାଗୀୟ କର୍ତ୍ତୃପକ୍ଷ ଓ ଅଧିକାରୀମାନେ ଏପରି ଭୁଲ କରିବା ନିଶ୍ଚିତ ଭାବରେ କୌଣସି ଯାନ୍ତ୍ରିକ ତଅଟି ନୁହେଁ ମନୁଷ୍ୟ କୃତ ଦୁର୍ନୀତି କରାଯାଇଛି ବୋଲି ମତ ପ୍ରକାଶ ପାଇଛି । ଏହି ଯୋଜନାରେ କାର୍ଯ୍ୟ କରିଥିବା ଜନୈକ ଯୁବକ ପ୍ରଦୀପ ପଣ୍ଡାଙ୍କ ଇତି ମଧ୍ୟରେ ମୃତ୍ୟୁ ମଧ୍ୟ ହୋଇଯାଇଥିବା ବେଳେ ଶ୍ରମିକ ପାଉଣା ନେଇ ଆଶାବାଦୀ ଶ୍ରମିକ ପ୍ରତି ଦୃଷ୍ଟି ଦେବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି । ନିହାତି ଦରିଦ୍ର ପରିବାରର ହୋଇଥିବା ମୃତ ଯୁବକଙ୍କ ସ୍ତ୍ରୀ, ଏକମାତ୍ର ସନ୍ତାନ ଓ ବୃଦ୍ଧ ମାତାପିତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଅଛନ୍ତି ବୋଲି ସୂଚନା ମିଳିଛି ।

ଏପରି ବିଭାଗୀୟ ଭୁଲ ପାଇଁ ସାଧାରଣ ଶ୍ରମିକଙ୍କ ଅବସ୍ଥା କିପରି କଷ୍ଟଦାୟକ ହୋଇଥିବା ବେଳେ ଉଚିତ ପଦକ୍ଷେପ ପାଇଁ ଅନୁରୋଧ କରାଯାଇଛି । ଘଟଣାର ତଦନ୍ତ କରି ଶ୍ରମିକମାନଙ୍କ ପାରିଶ୍ରମିକ ବାବଦରେ ଟଙ୍କା ପ୍ରଦାନ କରିବାକୁ ତଥା ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ ।

## ବିନ୍ଧାପାଲି ଆଞ୍ଚଳିକ ଧନୁଯାତ୍ରାର ୭ମ ଦିନରେ ଅତିଥି ସମାଗମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ଆଗଲପୁର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ବିନ୍ଧାପାଲି ଖେଳ ପଡିଆଠାରେ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାରାଜା କଂସଙ୍କ ରାଜୁତି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ବେଶ ମଜା ନେଉଛନ୍ତି । କଂସ ଦରବାରରେ ଆମନ୍ତ୍ରିତ ଅତିଥି ଲୋଇସିଂହା ଲୋକପ୍ରିୟ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦାନ କରିବା ସହିତ ପ୍ରତିଶ୍ରୁତି ମୁତାବକ କଂସ ମଣ୍ଡପ ତିଆରି ସାରିଥିବା ବେଳେ ଛାତ କାମ ମଧ୍ୟ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଆଗଲପୁର ଭାରତୀୟ ଜନତା ଦଳ ତରଫରୁ ଧନୁଯାତ୍ରା କମିଟିର ସଭାପତି ତ୍ରିନାଥ ଭୋଇ, ସମ୍ପାଦକ ପବିତ୍ର ସାହୁ, କୋଷାଧ୍ୟକ୍ଷ ବାଳଗୋପାଳ ସାହୁଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଆଗଲପୁର ବିଜେପି ମଣ୍ଡଳ ସଭାପତି ଉମେଶ ଚନ୍ଦ୍ର ପଟେଲ, ଯୁବନେତା ସମୀର ରଞ୍ଜନ ସିଂଦେଓ, ଭରସୁଜା ପଞ୍ଚାୟତ ପ୍ରମୁଖ ହିମାଂଶୁ ସାହୁ, ଆଗଲପୁର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ମେହେର ଉପସ୍ଥିତ ଥିଲେ । ମହାରାଜା କଂସଙ୍କ ନିର୍ଦ୍ଦେଶରେ ରାଜ ଅତିଥିମାନଙ୍କୁ ଲଳିତ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଆଗଲପୁରରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ



ଆଗଲପୁର, (ନିପ୍ର) : ଆଗଲପୁର ବ୍ଲକ ବିଙ୍ଗହ୍ୟୁମାନ ଫାଉଣ୍ଡେସନ ଆନୁକୂଲ୍ୟରେ ବେନ୍ଦ୍ରା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ରାମପୁର ଠାରେ ବିଙ୍ଗହ୍ୟୁମାନ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବଲାଙ୍ଗିର ମାଟିର ଗୌରବ, ଦୁଖ ସୁଖର ସାଥୀ ଯୁବ ସମାଜସେବୀ ସୋମନାଥ ମିଶ୍ରଙ୍କ ଜନ୍ମ ଦିନରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଆଗଲପୁର ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ବେନ୍ଦ୍ରା ପଂଚାୟତ ସମିତିସଭ୍ୟା ଶ୍ରୀମତି ଜୟନ୍ତି ପଟେଲ, ଚିନ୍ତାମଣି ସାହୁ ଦୀପ ପ୍ରଜ୍ୱଳନ କରି ଫିତା କାଟି ରକ୍ତଦାନ ଶିବିରକୁ ଆରମ୍ଭ କରିଥିବା ବେଳେ ଆଖପାଖ ଅଞ୍ଚଳର ଅନେକ ଯୁବଗୋଷ୍ଠୀ ସ୍ୱଇଚ୍ଛାରେ ଆସି ରକ୍ତଦାନ କରିଥିଲେ ।

ସର୍ବମୋଟ ୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଫାଉଣ୍ଡେସନର କର୍ମକର୍ତ୍ତା ତରଫରୁ ପ୍ରକାଶ ହୋଇଛି । ଉକ୍ତ ଶିବିରକୁ ସୁଜିତ କୁମାର କର୍ଣ୍ଣ, ବୁଦ୍ଧଦେବ ସାହୁ, ସଂଯୋଗ ସାହୁ, ରାକେଶ ଅଗ୍ରୱାଲ, ନାରାୟଣ ସାହୁ, ନିତ୍ୟାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ



ପଦ୍ମପୁର, (ନିପ୍ର) : ଭାରତୀୟ ଜନତା ପାର୍ଟିର ପ୍ରାଣ, ଭାରତରତ୍ନ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୭ତମ ଜନ୍ମ ଜୟନ୍ତୀ ଓ ସୁଶାସନ ଦିବସ ପାଇକମାଲ ସ୍ଥିତ ଶ୍ରୀ ନୃସିଂହନାଥ ଆଇଓସିଏଲ୍ ଅତିଥି ଭବନରେ ପାଇକମାଲ ମଣ୍ଡଳ ସଭାପତି କୈଳାସ ଦିଶ୍ରୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ୧୯୨୪ ମସିହା ୨୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସେ ବାଲ୍ୟକାଳରୁ ଜଣେ ସ୍ପଷ୍ଟବାଦୀ ଛାତ୍ର ସହିତ ଏକ ଦକ୍ଷ ରାଜନୈତିଜ୍ଞ ହେବା ଫଳରେ ଭାରତକୁ ସୁଶାସନର ମଞ୍ଜି ପୋତିଥିଲେ ।

ତାଙ୍କ ସମୟରେ ଭାରତର ଭିତ୍ତିଭୂମି ଦୃଢ ହେବା ସହିତ ଲୋକଙ୍କର ଆର୍ଥିକ ଅବସ୍ଥା ସୁଧୁରି ଥିଲା । ଭାରତର କୋଣ ଅନୁକୋଣରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ମାଧ୍ୟମରେ ଭାରତକୁ ଏକ ବିକାଶଶୀଳ ରାଷ୍ଟ୍ରରେ ପରିଣତ କରିବାର ଭୂମିକା ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ପାଇକମାଲ ବ୍ଲକ ସାଂସଦ ପ୍ରତିନିଧି ବଳରାମ ସାହୁ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବର୍ଦ୍ଧନ ଅଗ୍ରୱାଲ, ଆଦିବାସୀ ମୋର୍ଚ୍ଚା ଜିଲ୍ଲା ସଭାପତି ପୁରୁଷୋତ୍ତମ ନାଏକ, ମହିଳା ମୋର୍ଚ୍ଚା ଜିଲ୍ଲା ଉପସଭାନେତ୍ରୀ ଶ୍ରୀମତୀ ସୁବାଷିନୀ ପ୍ରଧାନ, ଯୁବନେତା ବାଜୁବନ ନାୟକ, ସରୋଜ ମିର୍ଦ୍ଧା, ଦିବ୍ୟ କୁମାର ନାୟକ, ଏମିଡି ରାଜା, ଓମକାନ୍ତି ସାହୁ, ସୁଶୀଲା ଖମାରୀ, ସୁକଦେବ ପ୍ରଧାନ, ଜୟସିଂ ସୁନା, ଶଶିଧର ରାଉତ, ଶଶି ସାହୁ ହରେକୃଷ୍ଣ ଚନ୍ଦନ, ଭାସ୍କର ଭୁଏ, ରକ୍ମଣ ସେଠ, ଭୁବନେଶ୍ୱର ନାଗ ପ୍ରମୁଖ ଉପସ୍ଥିତ ରହି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତିଚାରଣ କରିଥିଲେ ।

# ଅନ୍‌ଲାଇନ୍ ମାର୍କେଟିଙ୍ଗ୍‌ରେ ଠକେଇ ଅଭିଯୋଗ : ୯୬୦୦ ଟଙ୍କାର ମୋବାଇଲ ସ୍ଥାନରେ ମିଳିଛି ଇଟା ଖଣ୍ଡ



ନୂଆପଡ଼ା, (ନିପ୍ର) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅଞ୍ଚଳରେ ଅନ୍‌ଲାଇନ୍ ମାର୍କେଟିଙ୍ଗ୍‌ରେ ଠକେଇ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଦିଗାମ୍ବର ମେହେର ନାମକ ବ୍ୟବସାୟୀ ବୋଡେନ ଛକଠାରେ ଫାଷ୍ଟ ଚଏସ୍ ମୋବାଇଲ୍ ଦୋକାନକୁ ଗତକାଲି ତାଙ୍କ ନାମରେ ଏକ ପାର୍ସଲ ଆସିଥିଲା । ୯୬୦୦ ଟଙ୍କାରେ ଏକ ପୋକୋ ସିମ୍-୧ ମୋବାଇଲ ଫ୍ଲିପ୍‌କାର୍ଡରେ ଅନ୍‌ଲାଇନ୍ ଅଡ଼ର କରିଥିଲେ । ସଂଧ୍ୟା ୬.୩୦ ମିନିଟରେ ପାର୍ସଲ ଆସି ତାଙ୍କ ଦୋକାନକୁ ପହଞ୍ଚିଥିଲା । ସେହି ପାର୍ସଲରେ ମୋବାଇଲ ବଦଳରେ ଏକ ଇଟା ଖଣ୍ଡ ଥିବା ଅଭିଯୋଗ କରିଛନ୍ତି । ଏହି ଘଟଣା ନେଇ ଫ୍ଲିପ୍‌କାର୍ଡ ଉପଭୋକ୍ତା ସହାୟକ କେନ୍ଦ୍ରକୁ ଯୋଗାଯୋଗ କରିବାରୁ ନିକଟସ୍ଥ ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରିବାକୁ ପରାମର୍ଶ ଦେଇଥିଲେ ।

ଶ୍ରୀ ମେହେର ଘଟଣା ସମ୍ପର୍କରେ ଖଡ଼ିଆଳ ଥାନା ଅଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି ।

# ଭରସୁଜାର ମା' ଛେଲିଆପାଟ ମିନି ଷ୍ଟାଡିୟମକୁ ଉଦ୍‌ଘାଟନ କଲେ ବିଧାୟକ ନରସିଂହ



ଲୋଇସିଂହା, (ନିପ୍ର) : ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ଭରସୁଜା ଗ୍ରାମପଞ୍ଚାୟତର ମା' ଛେଲିଆପାଟ ମିନି ଷ୍ଟାଡିୟମକୁ ଉଦ୍‌ଘାଟନ କରିଛନ୍ତି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର । ଏହି ଉଦ୍‌ଘାଟନୀ ସମାରୋହରେ ବିଧାୟକ ଶ୍ରୀ ମିଶ୍ରଙ୍କ ସହ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ପଟେଲ, ଭରସୁଜା ସରପଂଚ ଗଣେଶ ସାହୁ, ଝରଣୀପାଲି ସରପଂଚ ସୁଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋଇସିଂହା ବିଧାୟକଙ୍କ ବିନ୍ଧାପାଲି ଆଂଚଳିକ ଧନୁଯାତ୍ରା କଂସ ଦରବାରରେ ରାଜ ଅତିଥି ଭାବେ ଯୋଗଦାନ



ଆଗଲପୁର, (ନିପ୍ର) : ଆଗଲପୁର ବ୍ଲକ ଭରସୁଜା ପଂଚାୟତ ବିନ୍ଧାପାଲି ଠାରେ ଚାଲିଥିବା ଆଂଚଳିକ ଧନୁଯାତ୍ରା କଂସ ଦରବାରରେ ରାଜ ଅତିଥି ଭାବେ ଲୋଇସିଂହା ବିଧାୟକ ଡକ୍ଟର ମୁକେଶ ମହାଲିଙ୍ଗ ନିମନ୍ତ୍ରଣ ପାଇ ଯୋଗ ଦେଇଥିଲେ । ଆଖପାଖ ୮ଗୋଟି ଗ୍ରାମକୁ ନେଇ ଚାଲିଥିବା ଆଂଚଳିକ ଧନୁଯାତ୍ରା କଂସ ଦରବାରରେ ଶ୍ରୀ ମହାଲିଙ୍ଗ ନିର୍ମାଣାଧୀନ ପେଣ୍ଡାଲର ଛାତ କାମ ଖୁବଶୀଘ୍ର ସମାପ୍ତ କରି ଆଗାମୀ ବର୍ଷ ଉକ୍ତ ପେଣ୍ଡାଲରେ ଦରବାର ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆଗଲପୁର ବିଜେପି ମଣ୍ଡଳ ସଭାପତି ଉମେଶଚନ୍ଦ୍ର ପଟେଲ, ଯୁବନେତା ସମୀର ସିଂଦେଓ, ଆଗଲପୁର ପୂର୍ବତନ ସରପଂଚ କୃଷ୍ଣଚନ୍ଦ୍ର ମେହେର, ଭରସୁଜା ପଂଚାୟତର ହିମାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଆଗଲପୁର ମଣ୍ଡଳ ଭାରତୀୟ ଜନତା ପାର୍ଟି ପକ୍ଷରୁ ଧନୁଯାତ୍ରା କମିଟିର ସଭାପତି ତ୍ରିନାଥ ଭୋଇ, ସଂପାଦକ-ପବିତ୍ର ସାହୁ, କୋଷାଧ୍ୟକ୍ଷ ବାଳଗୋପାଳ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କଂସ ଭୂମିକାରେ ପ୍ରଫୁଲ୍ଲ ମେହେରଙ୍କ ଅଭିନୟ ଦର୍ଶକ ମାନଂକୁ ବେଶ ଆକର୍ଷିତ କରିଥିଲା । ଶେଷରେ ମହାରାଜ କଂସଙ୍କ ନିର୍ଦ୍ଦେଶରେ ଠିକାଦାର ଲଳିତ ସାହୁ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରି ଆଗାମୀ ବର୍ଷରେ ଆପଣମାନଙ୍କ ସାହାଯ୍ୟ ଓ ସହଯୋଗରେ ଆହୁରି ଉଚ୍ଚକୋଟିର ଧନୁଯାତ୍ରା ଉତ୍ସବ ଅନୁଷ୍ଠିତ ହେବ ବୋଲି କହିଥିଲେ ।

# ଟିଟିଲାଗଡର ସାନ୍ୟା ପିନ୍ଧିଲେ ମିସ୍ ଓଡ଼ିଶା ବିୟୁଟି ୨୦୨୧ ମୁକୁଟ



ଟିଟିଲାଗଡ଼, (ନିପ୍ର) : ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସ୍ଥିତ ହାଇସ୍କୁଲପଡ଼ାର ଜନ୍ମିତ ସାନ୍ୟା ଗହୀର (୧୯)ଶ୍ରୀ ମେଟାଲିକ ଲିଃର ମାନବ ସମ୍ବଳ ବିଭାଗ ମୁଖ୍ୟ ବାଳକୃଷ୍ଣ ଗହୀର ଓ ରଞ୍ଜିତା ଗହୀରଙ୍କ ଝିଅ ତଥା ଶିକ୍ଷାବିତ ସ୍ୱର୍ଗତ ଗଙ୍ଗାଧର ଗହୀରଙ୍କ ନାତୁଣୀ ସାନ୍ୟା ଗୋପାଳପୁରରେ ଅନୁଷ୍ଠିତ ମିସ୍ ଓଡ଼ିଶା ବିୟୁଟି ପ୍ରତିଯୋଗିତାରେ ମିସ୍ ଓଡ଼ିଶା ମୁକୁଟ ପିନ୍ଧିଛନ୍ତି । ସାନ୍ୟାଙ୍କ ପରିବାର ଲୋକେ ଝାରସୁଗୁଡା ଜିଲ୍ଲାରେ ରହନ୍ତି ।

ତେବେ ସେ ମାଟ୍ରିକ ପଢି ସାରିବା ପରେ ଭୁବନେଶ୍ୱର କିଟ୍‌ରେ +୨ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ସେ ଏମ୍‌ଆଇଟିଏସ୍‌ରେ +୩ ଅଧ୍ୟୟନରତ । ଛୋଟ ଦିନରୁ ଓଡିଶୀ ଓ ଭାରତନାଟ୍ୟମରେ ବେଶ ନିପୁଣ । ମିସ୍ ଓଡ଼ିଶା ବିୟୁଟି ପ୍ରତିଯୋଗିତାରେ ମିସ୍ ଓଡ଼ିଶା ମୁକୁଟ ପିନ୍ଧିବା ପରେ ଅଞ୍ଚଳବାସୀଙ୍କ ଠାରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ଗରିବ ପାଣ୍ଡେ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଧରିଲା ପୋଲିସ : ୩ ଗିରଫ୍, ୧ ଅଟୋ ରିକ୍ସା ସହ ୨ ମୋଟର ସାଇକେଲ୍ ଓ ୪ ମୋବାଇଲ୍ ଫୋନ୍ ଜବତ



ବଲାଙ୍ଗିର, (ନିପ୍ର) : ତୁଷୁରା ତେଲନଦୀରୁ ଉଦ୍ଧାର ହୋଇଥିବା ଗରିବ ପାଣ୍ଡେର ମୃତଦେହ ମିଳିବା ପରେ ସାଧାରଣରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ରହସ୍ୟରେ ରହି ଯାଇଥିଲା ଏହି ଘଟଣା । ଏବେ ଗରିବ ପାଣ୍ଡେ ହତ୍ୟାକାଣ୍ଡର ରହସ୍ୟ ଖୋଲିଛି ପୋଲିସ । ଏ ଘଟଣାରେ ବ୍ୟବହୃତ ୧ ଅଟୋ ରିକ୍ସା (ଓଡି ୦୩କେ ୪୩୫୨), ୨ ମୋଟର ସାଇକେଲ (ଓଡି ୦୩ସି ୩୮୮୩ ଏବଂ ଓଡି ୦୩କ୍ୟୁ ୬୮୯୨), ୪ ମୋବାଇଲ୍ ଫୋନ୍ ଏବଂ ଗରିବ ପାଣ୍ଡେର ତଣ୍ଟି ଚିପିବା ପାଇଁ ବ୍ୟବହାର କରାଯାଇଥିବା ଏକ ଧଳା ଧୋତି ପୋଲିସ ଜବତ୍ କରିଥିବା ବେଳେ ୩ ଜଣଙ୍କୁ ଗିରଫ୍ କରିଛି । ଏ ସଂକ୍ରାନ୍ତରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ଡିପିଓ ତୋଫାନ ବାଗ । ଏହି ହତ୍ୟାକାଣ୍ଡରେ ଗିରଫ୍ ହୋଇଥିବା ଅଭିଯୁକ୍ତମାନେ ହେଲେ ତେଲିଗୋଠପଡ଼ାର ଛୋଟୁ ଓରଫ୍ ଇଦୁଲ୍ ଖାନ୍(୧୯), ସାଲେପାଲିର ସିଦ୍ଧାନ୍ତ ସେଠ୍(୨୦) ଓ ସୁଦିନ ଯାନି(୨୫) । ଦିଆଯାଇଥିବା ସୂଚନା ଅନୁସାରେ ଗତ ୧୫ ତାରିଖ ଦିନ ତୁଷୁରା ତେଲନଦୀରୁ ଗରିବ ପାଣ୍ଡେର ମୃତଦେହ ଉଦ୍ଧାର ହେବା ପରେ ୟୁଡି କେସ୍ ନଂ.୧୬/୨୦୨୧ରେ ତୁଷୁରା ପୋଲିସ ଏକ କେସ୍ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ମୃତ ଗରିବର ଶବ ବ୍ୟବଚ୍ଛେଦ ରିପୋର୍ଟରେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବାପରେ ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏହି ଘଟଣାର ଅଭିଯୁକ୍ତଙ୍କୁ କାବୁ କରିବା ପାଇଁ ଏକ ଟିମ୍ ଗଠନ କରାଯାଇଥିବା ବେଳେ ଏସ୍‌ଡିପିଓ ତୋଫାନ୍ ବାଗଙ୍କ ନେତୃତ୍ୱରେ ତୁଷୁରା ଆଇଆଇସି ଏସ୍.କେ. ପଧାନ, ଏସ୍‌ଆଇ ଏ.ପି.ଭୋଇ, ଦେଓଗାଁ ଥାନାର ଏସ୍‌ଆଇ ମନୋଜ ମୁଣ୍ଡା, ବଲାଙ୍ଗିର ଟାଉନ୍ ଥାନାର ଏସ୍‌ଆଇ ଅବିନାଶ ନାଏକ, ବିଜିତ ବେହେରା ଏବଂ ପୂର୍ଣ୍ଣିମା ଓରାମ ପ୍ରମୁଖଙ୍କୁ ଟିମ୍‌ରେ ସାମିଲ୍ କରାଯାଇଥିଲା । ତନାଘନା ତଦନ୍ତ ପରେ ଏହି ହତ୍ୟାକାଣ୍ଡର ଅଭିଯୁକ୍ତମାନଙ୍କୁ ୨୪ ତାରିଖ ଦିନ ଗିରଫ୍ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

# ପିଏମ୍ ଆବାସ ଘର ଦାବୀରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ : ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ହଟିଲେ ଗ୍ରାମବାସୀ



ପଦ୍ମପୁର, (ନିପ୍ର) : 'ଆମର ଦାବୀ ପୂରଣ ହେଉ, ଜିଲ୍ଲାପାଳଙ୍କୁ ଡକାଯାଉ' ଏପରି କିଛି ନାରା ସହ ରାସ୍ତା ରୋକ କରିଛନ୍ତି ଗ୍ରାମବାସୀ । ସୂଚନା ଅନୁସାରେ ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ବ୍ଲକ ଖାଲିଆପାଲି ପଞ୍ଚାୟତ ଅନ୍ତର୍ଗତ ଝାଙ୍କରପାଲି ଗ୍ରାମ ପ୍ରାୟ ୩୦୦ ପରିବାର ଥିବା ବେଳେ ବହୁ ଲୋକ ଗରିବ ସୀମା ଅନ୍ତର୍ଭୁକ୍ତ ତଥା ଦିନ ମଜୁରୀ ଓ ଚାଷ କାର୍ଯ୍ୟ ଉପରେ ଆଶ୍ରିତ ।

ହେଲେ ଏହି ଗ୍ରାମକୁ ପ୍ରାୟ ୪ ବର୍ଷ ହେଲା ଗୋଟିଏ ବି ପ୍ରଧାନମନ୍ତ୍ରୀ ଆବାସ କି ବିଜୁ ପକ୍କା ଘର ଅନ୍ତର୍ଗତ ଘର ମିଳି ନଥିବାରୁ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ । ହେଲେ କୌଣସି ସୁଫଳ ନ ମିଳିବାରୁ ଆଜି ପଟଣାଗଡ଼-ପଦ୍ମପୁର ରାସ୍ତା ଝାଙ୍କରପାଲି ଛକ ନିକଟରେ ରାସ୍ତା ରୋକ କରିଛନ୍ତି ଗ୍ରାମବାସୀ । ଫଳରେ ସକାଳୁ ବହୁ ଯାନ ବାହାନ ଅଟକି ରହିଥିବା ବେଳେ ଘଟଣା ସ୍ଥଳରେ ରାଜବୋଡ଼ାସମ୍ବର ବ୍ଲକ ବିଡ଼ିଓ ଶଙ୍କର୍ଷଣ ବେହେରା ଆସି ବୁଝେଇବା ପାଇଁ ଚେଷ୍ଟା କରିଥିବା ବେଳେ 'ବିଡ଼ିଓ ଗୋ ବେକ ପ୍ରହସନ ଚାଲିବ ନାହିଁ' ବୋଲି ନାରା ଦେଇଛନ୍ତି ଗ୍ରାମବାସୀ । 'ବିଡ଼ିଓ ଗୋ ବେକ, ଆମର ଦାବୀ ପୂରଣ ହେଉ, ଜିଲ୍ଲାପାଳଙ୍କୁ ଡକାଯାଉ' ଏପରି କିଛି ନାରା ସହ ଗ୍ରାମବାସୀ ରାସ୍ତା ରୋକ କରିଥିବା ବେଳେ ପଦ୍ମପୁର ଉପଜିଲ୍ଲାପାଳ ତ୍ରିଲୋଚନ ପାତ୍ର ଧାରଣା ସ୍ଥଳକୁ ଆସି ଆଗାମୀ ପର୍ଯ୍ୟାୟରେ ଝାଙ୍କରପାଲି ଗ୍ରାମବାସୀଙ୍କୁ ଆବାସ ଯୋଜନାରେ ଅଗ୍ରାଧିକାର ଦିଆଯିବ ବୋଲି ଲିଖିତ ପ୍ରତିଶୃତି ପରେ ରାସ୍ତା ରୋକରୁ ହଟିଛନ୍ତି ଗ୍ରାମବାସୀ ।

# ବଲାଙ୍ଗିର ସତ୍ୟନାରାୟଣପଡାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା : ଚାଲିଗଲା ୨ଜଣ ବାଇକ ଆରୋହୀଙ୍କ ଜୀବନ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ସମ୍ବଲପୁର ରୋଡ ସ୍ଥିତ ସତ୍ୟନାରାୟଣପଡାଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୨ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ବାଇକ ଆରୋହୀ ୨ଜଣ ହେଲେ ସହରର ଚିମିନିଭାଟିପଡାର ତ୍ରିଲୋଚନ ସାଏ ଏବଂ ସିନ୍ଦୁରବାହାଲର ଗୌରହରି ପଟେଲ । ତେବେ ଗୁରତରଙ୍କୁ ପ୍ରଥମେ ଭୀମ ଭୋଇ ମେଡିକାଲ କଲେଜ ହସପିଟାଲକୁ ନିଆଯାଇ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି । ଟାଉନଥାନା ପୋଲିସ ଟ୍ରକ ଡାଇଭରକୁ ଅଟକ ରଖି ପଚରା ଉଚୁରା କରୁଥିବା ଜଣାପଡିଛି । ଦିନକୁ ଦିନ ବଢ଼ି ଚାଲିଥିବା ଏକ୍‌ସିଡେ଼ଂଟ୍‌କୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି ।

# ଅଫେରା ୨୦୨୧ରେ ଦେଓଗାଁ ବ୍ଲକର ଚର୍ଚ୍ଚିତ ଘଟଣାବଳୀ

**ପ୍ରସ୍ତୁତି : ମନୀଷ କୁମାର ସାହୁ**

## ଦେଓଗାଁ ବ୍ଲକର ଝିଅ ପାଇଲେ ମିସନ୍ ଡ୍ରିମ୍ସ ମିସ୍ ଇଣ୍ଡିଆ



୨୦୨୧ ବର୍ଷ ଆରମ୍ଭରୁ ଦେଓଗାଁ ବ୍ଲକ ପାଇଁ ଖୁସିର ଖବର ଆଣି ଆସିଥିଲା । ଦେଓଗାଁ ବ୍ଲକ ବ୍ରାହ୍ମଣୀଜୋର ପଞ୍ଚାୟତ ସନ୍ଧିଜୋର ଗାଁର ରଘୁମଣି ନନ୍ଦ ଓ ତିଳୋତ୍ତମା ନନ୍ଦଙ୍କ ଝିଅ ଅର୍ପିତା ନନ୍ଦ କୋଲକାତାର ପ୍ରାଇଡ୍ ପୂଜା ଅବସରରେ ମିସନ ଡ୍ରିମ୍ସ ମିସ୍ ଇଣ୍ଡିଆ ବିଜେତା ହୋଇଥିଲେ । କୋଲକାତାରେ ଅନୁଷ୍ଠିତ ହୋଇଥିବା ମିସ୍ ଇଣ୍ଡିଆ ପ୍ରତିଯୋଗିତାର ଫାଇନାଲ୍ ରାଉଣ୍ଡକୁ ଯାଇ ମିସ୍ ଇଣ୍ଡିଆ କଣ୍ଟେଷ୍ଟେଷ୍ଟ ଓ ମିସ୍ ଇଣ୍ଡିଆ ଫାଣ୍ଟାଷ୍ଟିକ୍ ଭାବେ ବିଜେତା ହୋଇଥିଲେ ।

## ଦେଓଗାଁରେ ଗଣଶିକ୍ଷା ମନ୍ତ୍ରୀ



ସ୍କୁଲ ଖୋଲିବା ପରେ କେମିତି ଲାଗୁଛି ? ଆଗକୁ ପରୀକ୍ଷା ଅଛି, ଜମା ଚାପରେ ରୁହନାହିଁ । ପରୀକ୍ଷାରେ ସମ୍ଭାବିତ ପ୍ରଶ୍ନ ଓ ଉତ୍ତର ଅଭ୍ୟାସ କରିବା ପାଇଁ ୭ ଶହ ପୃଷ୍ଠା ବିଶିଷ୍ଟ ପୁସ୍ତକର ବ୍ୟବସ୍ଥା କରାଯାଉଛି । ସମସ୍ତେ ମାଗଣାରେ ପାଇବ । ଆରାମରେ ପାଠପଢ଼... ବୋଲି ଜାନୁଆରୀ ମାସ ୧୨ ତାରିଖ ଦିନ ଦେଓଗାଁ ପଂଚାୟତ ସମିତି ହାଇସ୍କୁଲକୁ ପହଂଚି ବିଦ୍ୟାର୍ଥୀମାନଙ୍କ ପିଠି ଆଉଁସି କହିଥିଲେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ । ବିଦ୍ୟାଳୟ ଖୋଲା ରହିବାରୁ କିଛି ଅସୁବିଧା ହେଉଛି କି, ଯଦି ଅସୁବିଧା ହେଉଛି ତାହା ହେଲେ ସ୍କୁଲ ବନ୍ଦ କରିଦେବା କି ବୋଲି ମଧ୍ୟ ଛାତ୍ରଛାତ୍ରୀଙ୍କୁ ପଚାରିଥିଲେ ।

## ରକ୍ତରଞ୍ଜିତ ହେଲା ଶୁଲିଆ ପୀଠ

ଦେଓଗାଁ ବ୍ଲକ କୁଲୁତାପଡ଼ା ପଂଚାୟତ ଖଇରଗୁରା ଓ କୁମୁରିଆ ଦୁଇଟି ଖଳାରେ ଶୁଲିଆ ଯାତ୍ରା ହୋଇଥିଲା । ଧାର୍ମିକ ଭାବନା ସହ ଜଡ଼ିତ ଶୁଲିଆ ଯାତ୍ରାରେ ପଶୁରକ୍ତରେ ଲାଲ ହେଲା ଶୁଲିଆପୀଠ । ଗୋଟିଏ ପଟେ କୋଭିଡ୍ କଟକଣା ରହିଥିବା ବେଳେ ଅନ୍ୟପଟରେ ହଜାର ହଜାର ଲୋକଙ୍କ ଗହଳିରେ ଅନୁଷ୍ଠିତ ହୋଇଥିଲା ଶୁଲିଆ ଯାତ୍ରା । ଦେଖଣାହାରୀ ସାଜିଥିଲା ଜିଲ୍ଲା ପ୍ରଶାସନ । ଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ଚୁକ୍ତି ଅନୁସାରେ ସମସ୍ତେ ମାସ୍କ ପରିଧାନ କରିବେ, ସାମାଜିକ ଦୂରତା ବଜାୟ ରଖିବା ସହ ଯାତ୍ରା ପରିସରରେ ଦୋକାନ ବଜାର ବନ୍ଦ କରିବାକୁ ସିଦ୍ଧାନ୍ତ ହୋଇଥିଲା ।

## ଜରାସିଂହାରେ ଗୋଷ୍ଠୀ ସଂଘର୍ଷ : ୨ମୃତ, ୪ କୋର୍ଟ ଚାଲାଣ

ଛେଳି ଚରାଇବା ପ୍ରସଙ୍ଗକୁ କେନ୍ଦ୍ର କରି ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହା ଗାଁରେ ଜାନୁଆରୀ ୨୩ ତାରିଖ ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା । ଏଥିରେ ଉଭୟ ଗୋଷ୍ଠୀର ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା । ସେମାନେ ସେହି ଗାଁର ଧନମତ ରାଉତ ଓ ଶ୍ରୀପତି ବେସ୍ରା(୩୫ବର୍ଷ) । ସେହିପରି ଆଉ ଦୁଇଜଣ ଗୁରୁତର ଆହତ ହୋଇଥିଲେ । ଏହି ଘଟଣା ପରେ ଜରାସିଂହା ଗାଁ ସ୍ତବ୍ଧ ହୋଇଯାଇଥିଲା ।

ଏହି ଘଟଣାରେ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ଜରାସିଂହା ହରିଜନପଡ଼ାର ଗୋରେଖ ସୁନା, ରାଧାକାନ୍ତ ସୁନା, ଯୁଧିଷ୍ଠିର ସୁନା, ଶ୍ରୀମତ ବେଶ୍ରା । ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଥିଲା ।

## ମଠଖାଇ ସଂରକ୍ଷିତ ଜଙ୍ଗଲରେ ନିଆଁ



ବଲାଙ୍ଗିର ରେଞ୍ଜ ଅନ୍ତର୍ଗତ ମଠଖାଇ ସଂରକ୍ଷିତ ଜଙ୍ଗଲରେ ମାର୍ଚ୍ଚ ମାସ ୧୦ ତାରିଖରୁ ୫ରୁ ୭ ଦିନ ଧରି ନିଆଁ ଲାଗି ରହିଥିଲା । ବଲାଙ୍ଗିର ସଦର ବ୍ଲକ୍ ରତାଖଣ୍ଡି ଓ ଭାନପୁର ନିକଟସ୍ଥ ମଠଖାଇ ସଂରକ୍ଷିତ ଜଙ୍ଗଲ, ଭୁଆସେନ୍ ଡଙ୍ଗର, ଡେଣୋ ଜଙ୍ଗଲର ବ୍ୟାପକ ଅଂଚଳ ଜଳୁଥିବା ଦେଖିବାକୁ ମିଳିଥିଲା ।

ଏହି ଜଙ୍ଗଲ ଗୁଡ଼ିକ ବଲାଙ୍ଗୀର ଜିଲ୍ଲାର ମୁଖ୍ୟ ଜଙ୍ଗଲ ହୋଇଥିବାରୁ ଏହି ଜଙ୍ଗଲ କ୍ଷତି ହେବାରୁ ପରିବେଶ ପ୍ରେମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

## ବବଲୁର କଙ୍କାଳ ଉଦ୍ଧାର ଘଟଣାକୁ ବର୍ଷ ପୂରିଲା



୨୦୨୦ ଜାନୁଆରି ୨୧ ତାରିଖ ଦିନ ଦେଓଗାଁ ଥାନା ସିଲେଟକାନୀ ଗାଁର ବବୁଲୁ ବଗର୍ତୀ ଇଟା ଭାଟି ନିକଟରୁ ନିଖୋଜ ହୋଇଯାଇଥିଲା । ୫ ଫେବୃଆରୀ ୨୦୨୦ରେ ଦେଓଗାଁ ଥାନା ଅନ୍ତର୍ଗତ ସିଲେଟକାନୀ ଗାଁ ମୁଣ୍ଡରେ ଏକ ଶିଶୁର କଟା ହାତ ମିଳିଥିଲା । ତା' ପର ଦିନ ଗାଁ ନିକଟ ସୋନଗଡ଼ ନଦୀ ପଠାରୁ ଏକ ବୁଲା କୁକୁର ସହାୟତାରେ ଉଦ୍ଧାର ହୋଇଥିଲା ଏକ ଶିଶୁର ନରକଙ୍କାଳ । ଉକ୍ତ କଙ୍କାଳ ଗାଁ ଇଟାଭାଟିରୁ ନିଖୋଜ ହୋଇଥିବା ବବୁଲୁ ବଗର୍ତୀ (୧୨ବର୍ଷ)ର ବୋଲି ଚିହ୍ନଟ କରିଥିଲେ ପରିବାର ବର୍ଗ । ଏହି ହତ୍ୟା ଘଟଣା ଏକ ଶିଶୁ ବଳି ଘଟଣା ବୋଲି ଆଲୋଚନା ହୋଇଥିଲା । ଇତିମଧ୍ୟରେ ଘଟଣାକୁ ଦୁଇ ବର୍ଷ ପୂରିଥିଲେ ମଧ୍ୟ ଏହା ରହସ୍ୟରେ ରହିଯାଇଛି । ହତ୍ୟାକାରୀକୁ ଚିହ୍ନଟ କରିବାରେ ପୁଲିସ ବିଫଳ ହୋଇଥିବା ବେଳେ ହତ୍ୟାକାଣ୍ଡର କୌଣସି ପତ୍ତା ମିଳି ନଥିଲା ।

## ଆରମ୍ଭ ହେଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଂଟନ

ସେପ୍ଟେମ୍ବର ୨୨ ତାରିଖ ଦିନରୁ ଆରମ୍ଭ ହୋଇଥିଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବଂଟନ କାର୍ଯ୍ୟକ୍ରମ । ବଲାଙ୍ଗିର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗର ମନ୍ତ୍ରୀ ଆସି ବ୍ଲକକୁ ବୁଲି ସ୍ମାର୍ଟ କାର୍ଡ ବାଂଟିଥିଲେ । ସେହିପରି କୃଷି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଦେଓଗାଁ ବ୍ଲକ୍ ଗାଈବାହାଲ୍ ପଂଚାୟତରେ କାର୍ଡ ବଂଟନ କାର୍ଯ୍ୟକ୍ରମରେ ମଂଚରେ ଭାଷଣ ଦେଉଥିବା ବେଳେ ପଛ ପଟୁ ମଂଚ ଉପରକୁ କିଛି ଲୋକ ଅଣ୍ଡା ମାରିଥିବା ଦେଖିବାକୁ ମିଳିଥିଲା ।

## କଟକଣା ମଧ୍ୟରେ ସମାପନ ହେଲା ପାଟଖଣ୍ଡା ଯାତ୍ରା

ଅକ୍ଟୋବର ମାସ ୧୮ ତାରିଖ ଦିନ ଦେଓଗାଁ ବ୍ଲକ୍ ଜରାସିଂହାର ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା ଉଦ୍ଯାପିତ ହୋଇଯାଇଥିଲା । କରୋନା କଟକଣା ଯୋଗୁଁ ବିନା ଭକ୍ତରେ ଓ କମ୍ ସମୟ ମଧ୍ୟରେ ଯାତ୍ରା ହେବାକୁ ପ୍ରାଶାସନିକ ଓ ପରିଚାଳନା କମିଟିର ନିଷ୍ପତ୍ତି ପରେ ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଲାଗିଥିଲା । ଉଚ୍‌ବାହାଲି ଯାତ୍ରାରେ ଶ୍ରଦ୍ଧାଳୁଙ୍କୁ କଟକଣା ମଧ୍ୟରେ ପାଟଖଣ୍ଡା ଦର୍ଶନ କରିବାକୁ ପଡ଼ିଥିଲା । ଏହି ଖଳା ସମେତ ବଅରାପିଟା ଓ ନିଶିଗୁଡ଼ି ଖଳାରେ ୧୪୪ଧାରା ଲଗାଯାଇଥିଲା ।

## ଦେଓଗାଁ ରେଞ୍ଜରେ ୧୮ରୁ ୨୦ ଦିନ ବୁଲିଲେ ୧୪ ଟିକିଆ ହାତୀପଲ

ଦେଓଗାଁ ରେଞ୍ଜରେ ନଭେମ୍ବର ୮ ତାରିଖରୁ ପ୍ରାୟ ୧୮ରୁ ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଥିଲା । ୧୪ଟି ହାତୀ ଅଂଚଳରେ ବ୍ୟାପକ କ୍ଷତି କରୁଥିଲେ । ସବୁ ଦିନ ରାତିସାରା ଉଜାଗର ରହିଥିଲେ ୩ଟି ପଂଚାୟତ ଅନ୍ତର୍ଗତ ୬ଟି ଗାଁର ଲୋକେ । ହାତୀ ଘଉଡ଼ାଇବା ପାଇଁ ନିଯୁକ୍ତ ବନ କର୍ମଚାରୀଙ୍କୁ ବିଭାଗ କେବଳ ଗୋଟିଏ ଲେଖାଏଁ ଟର୍ଚ୍ଚ ଯାଇ ଥିଲା, ତାହା ମାତ୍ର ଘଂଟାଏ ଜଳିଲେ ଅଚଳ ହୋଉଥିଲା । ଫଳରେ ସେମାନେ ମଧ୍ୟ ଭୟଭୀତ ଅବସ୍ଥାରେ ରହୁଥିଲେ । ଦେଓଗାଁ ରେଞ୍ଜ ଅଧୀନରେ ଥିବା ଉଡାର, ଉପରଝର ଓ ଗାଈବାହାଲ ପଂଚାୟତର ରାଏପାଲି, ଘୁଚିପାଲି, ବ୍ରାହ୍ମଣୀପାଲି, ଦିନପାଲି, ବାଂଜିପାଲି, ଜଲିଆ ଗାଁ ନିକଟରେ ହାତୀମାନେ ଶତାଧିକ ଲୋକଙ୍କ ଧାନ, କୋଳଥ, ପନିପରିବା ଫସଲ ନଷ୍ଟ କରିଦେଇଥିଲେ ।

## ଦେଓଗାଁ ବ୍ଲକର କଦଳୀ ଚାଷ ବୁଲି ଦେଖିଲେ କୃଷି ମନ୍ତ୍ରୀ



ରାଜ୍ୟ କୃଷି, ପ୍ରାଣୀ ସଂପଦ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଜାନୁଆରୀ ମାସ ୧୪ ତାରିଖ ଦିନ ଦେଓଗାଁ ବ୍ଲକ୍ ଅଂଚଳ ଗସ୍ତ କରିଥିଲେ । ସନ୍ଧ୍ୟାରେ ହାତୀସରା ପଂଚାୟତ ନାଇକେନଶିରା ଗାଁର ଚାଷୀ ଗୋବିନ୍ଦ ଦାସଙ୍କ କଦଳୀ ବାଡ଼ିରେ ପହଂଚି ଚାଷ ବୁଲି ଦେଖିଥିଲେ । ଏହି ଅବସରରେ ଗାଁର ଚାଷୀମାନେ ମନ୍ତ୍ରୀଙ୍କୁ କହିଥିଲେ ଯେ, କଦଳୀର ବିକ୍ରି ପାଇଁ ସରକାରୀ ବଜାର ବ୍ୟବସ୍ଥା ନାହିଁ । ଅନେକ ସମୟରେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି । ବୀମାଭୁକ୍ତ ନଥିବାରୁ କ୍ଷତିପୂରଣ ମିଳୁ ନାହିଁ ବୋଲି ଅଭିଯୋଗ କରିଥିଲେ । ତେଣୁ କଦଳୀ ଚାଷକୁ ବୀମାଭୁକ୍ତ କରି ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ଦାବୀ କରିଥିଲେ । ବୀମାଭୁକ୍ତ ସହ ଶୁଖିଲା କଦଳୀ ପତ୍ର କିଣିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

## ଖୋଲିଲାନି ସୁନା ବ୍ୟବସାୟୀ ଗଜାନନ ମେହେରଙ୍କ ହତ୍ୟାକାଣ୍ଡର ରହସ୍ୟ



ଦେଓଗାଁ ଥାନା ହାତୀସରା ଗାଁର ସୁନା ବ୍ୟବସାୟୀ ଗଜାନନ ମେହେର ତା୦୫/୧୧/୨୦ରିଖ ଶୁକ୍ରବାର ଦିନ ସକାଳ ୮ଟା ସମୟରେ ତା' ମା'କୁ ପାଟଣାଗଡ ଯାଉଥିବା କହି ଯାଇଥିଲେ । ସେହି ଦିନ ସନ୍ଧ୍ୟା ସୁଦ୍ଧା ଆସି ନ ଥିବାରୁ ପରିବାର ଲୋକେ ସନ୍ଦେହରେ ରହିଥିଲେ । ଖୋଜା ଖୋଜି କରିବା ପରେ କୌଣସି ପତ୍ତା ନ ମିଳିବାରୁ ନିଖୋଜ ଥିବା ନେଇ ଦେଓଗାଁ ଥାନାରେ ବାପା ସାରଙ୍ଗ ମେହେର ଅଭିଯୋଗ କରିଥିଲେ । ୯ତାରିଖ ସନ୍ଧ୍ୟାରେ ନିଖୋଜ ଗଜାନନର ବଡଭାଇ ଗୌତମ ମେହେର ଦେଓଗାଁ ଥାନାରେ ସାରସବାହାଲ ଗାଁର ଶୀର ରଣା ଅପହରଣ କରିଥିବା ନେଇ ଅନ୍ୟ ଏକ ଅଭିଯୋଗ କରିଥିଲେ । ହେଲେ ୧୭ ଦିନ ପରେ ଦେଓଗାଁ ଥାନା ବନ୍ଧପଡା ପାଣ୍ଡି ଅଧିନସ୍ତ ଚିପାକାନୀ ଜଙ୍ଗଲରେ ମୃତ ଦେହ ଉଦ୍ଧାର କରାଯାଇଥିଲା । ଶବକୁ ପରିବାର ଲୋକେ ଚିହ୍ନଟ ପରେ ହସ୍ତାନ୍ତର କରାଯାଇଥିଲା । ସୁନା ବେପାରୀ ନିଖୋଜ ଘଟଣାରେ ଗୁପ୍ତଧନ (ହଣା) କାରବାର ହୋଇଥିବା ସେହି ସମୟରେ ଅଂଚଳରେ ଚର୍ଚ୍ଚା ହୋଇଥିଲା ।

## ଚିକିତ୍ସା ପାଇଁ ଭୁବନେଶ୍ୱର ଯାଉଥିବା ବେଳେ ଗାଡ଼ି ଦୁର୍ଘଟଣାରେ ୩ ମୃତ

ଗତ ଫେବୃଆରୀ ମାସ ୫ ତାରିଖ ବିଳମ୍ବିତ ରାତିରେ ଦେଓଗାଁ ଥାନା ସାଗରପାଲି ଗାଁ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା । ନବରଙ୍ଗପୁର ଜିଲ୍ଲା ଡାବୁଗାଁରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଇନୋଭା କାର୍ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲା । ଫଳରେ କାର୍‌ରେ ବସିଥିବା ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକମାନେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସଦର ନୂଆଗୁଡ଼ାର ରାମେଶ୍ୱର ମାଦଳା(୬୪), ତାଙ୍କ ପୁଅ ତଥା ସକାଳ ଖବରକାଗଜର ଡାବୁଗାଁ ବ୍ଲକ୍ ପ୍ରତିନିଧି ସତ୍ୟଜିତ ମାଦଳା(୪୦) ଓ ଡାବୁଗାଁ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରାକେଶ ହେମ୍ବ୍ରମ୍ । କାର୍ ଡ୍ରାଇଭର ଭୀମ ହରିଜନ ମଧ୍ୟ ଗୁରୁତର ଆହତ ହୋଇ ବଲାଙ୍ଗିରର ଭୀମ ଭୋଇ ମେଡିକାଲରେ ଚିକିତ୍ସିତ ହୋଇଥିଲେ ।

## ବଲାରପାଲିରେ ବ୍ୟାପିଲା କିଡନୀ ରୋଗ

ଦେଓଗାଁ ବ୍ଲକ୍ ମହଲାଇ ପଂଚାୟତ ବଲାରପାଲି ଗାଁରେ କିଡନି ରୋଗରେ ଗତ ୩ ବର୍ଷ ଭିତରେ ଏହି ଗାଁରେ ୧୦ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି । ସେହିପରି ଚଳିତ ବର୍ଷ ନଭେମ୍ବର ମାସରେ ଏହି ଗାଁର କିଡନି ରୋଗରେ ଆକ୍ରାନ୍ତ ଥିବା ଦ୍ରୌପଦୀ ସାହୁ ଗତ ୧୨ ତାରିଖ ଓ ବିପ୍ର ସାହୁ ୨୦ ତାରିଖ ଦିନ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୧୦ଜଣ ରୋଗୀ ଚିକିତ୍ସିତ ହୋଇଥିଲେ । ଏନେଇ ଖବରକାଗଜରେ ଖବର ପ୍ରକାଶ ପରେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦଳ ସେହି ଗାଁକୁ ଯାଇ କ୍ୟାମ୍ପ କରି ଚିକିତ୍ସା କରିଥିଲେ ।

## 'ମୋ ଭାଇ ଉଚ୍ଚ ଶିକ୍ଷା ମନ୍ତ୍ରୀ, ବୋମାରେ ବିଇଓ ଅଫିସ ଉଡାଇଦେବି'

'ସରକାର ପ୍ରତି ମାସ ୧ ତାରିଖରେ ଦରମା ଟଙ୍କା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । 'ମୋ ଭାଇ ଅରୁଣ ସାହୁ, ବିଇଓ ଅଫିସ୍ ଉଡ଼ାଇଦେବି, ମୋତେ କେହି କିଛି କରିପାରିବ ନାହିଁ, ଘରର ସମସ୍ତଙ୍କୁ ହାଣିବି..' ବୋଲି ଜଣେ ଶିକ୍ଷକ ଦେଓଗାଁ ବିଇଓ ଅଫିସରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ଧମକ ଦେଇଥିବା ନେଇ ଗତ ନଭେମ୍ବର ମାସରେ ଦେଓଗାଁ ବ୍ଲକରେ ଚର୍ଚ୍ଚା ଲାଗି ରହିଥିଲା । ଏନେଇ ଦେଓଗାଁ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା । ଏହି ଧମକର ଅଡିଓ ଟେପ୍ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । କିଛି ଦିନ ପରେ ଅଭିଯୁକ୍ତ ଶିକ୍ଷକ ଜଣକ ଦେଓଗାଁ ବିଇଓ ଅଫିସକୁ ଆସିଥିବା ଖବର ପାଇ ପୁଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ ଦେଖାଇବା ପରେ ୪୧ ଆଇପିସିରେ ଛାଡ଼ି ଦେଇଥିବା ଜଣାପଡିଥିଲା ।

## ହାତୀ ଦାନ୍ତ ଚାଲାଣ ବେଳେ ଏସଟିଏଫ୍ ଦଳର ଚଢାଉ

ଡିସେମ୍ବର ମାସ ୭ତାରିଖ ଦିନ ଦେଓଗାଁ ବନଖଣ୍ଡ ଗୁଡ଼ଭେଲା ଫରେଷ୍ଟ ସେକ୍ସନରେ ଏସଟିଏଫ୍ ଚଢ଼ାଉ କରି ହାତୀଦାନ୍ତ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଥିଲା । ଜବତ ହାତୀଦାନ୍ତର ଓଜର ୮ କେଜି ୯ ଶହ ଗ୍ରାମ, ଲମ୍ବ ୩୬.୫ ଇଞ୍ଚ ଏବଂ ଗୋଲେଇ ୧ଫୁଟ ଥିବା ନେଇ ଡିଏଫ୍ଓ ନୀତିଶ କୁମାର ସୂଚନା ଦେଇଥିଲେ । ପ୍ରାୟ ଦୁଇବର୍ଷ ତଳେ ହାତୀ ଶିକାରୀ ପାଇଁ ବିଛାଇଥିବା ବିଦ୍ୟୁତ୍ ତାରରେ ପଡ଼ି ଦୁଇଟି ହାତୀ ପ୍ରାଣ ହରାଇଥିଲେ । ପରେ ଘଟଣାକୁ ଚପାଇବା ପାଇଁ ଶିକେର୍‌ପାଟ ଜଙ୍ଗଲର ତାଲସୁଗୁଡ଼ା ବଗବାହାଲ୍ ଅଂଚଳରେ ହାତୀକୁ ନିଆଁରେ ଜାଳି ଦେଇଥିବା ଅଂଚଳରେ ଚର୍‌ଚା ହେଉଥିଲା । ବନ୍ୟଜନ୍ତୁଙ୍କୁ ଏଭଳି ହତ୍ୟା କରିବା ଘଟଣାକୁ ବନ୍ୟପ୍ରାଣୀ ପ୍ରେମୀମହଲରେ ଅସନ୍ତୋଷ ବୃଦ୍ଧି ପାଇଥିଲା ।

## ଚିନିକଳ କାର୍ଯ୍ୟକ୍ଷମ ଦାବୀ ୧୦୦ ଦିନ ପୂରିଲା, ଫଳାଫଳ ଶୂନ୍

ବଲାଙ୍ଗିର ଜିଲ୍ଲା ସହ କେବିକେ ଅଂଚଳର ଏକ ମାତ୍ର ଶିଳ୍ପକ୍ଷେତ୍ର ଦେଓଗାଁ ସାଗରପାଲି ସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଦୀର୍ଘ ୯ବର୍ଷ ହେଲା ବନ୍ଦ ପଡ଼ିଛି । ବିଭିନ୍ନ ସମୟରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରୁ ଦାବୀ ହୋଇଆସୁଛି । ଗତ ସେପ୍ଟେମ୍ବର ମାସ ୧ ତାରିଖ ଦିନରୁ ଆଜି ପର୍ଯ୍ୟନ୍ତ ୪ ମାସ ହେଲା ଚିନିକଳ ସମ୍ମୁଖରେ ଭିଲେଜର୍ସ ଇଣ୍ଡିଆ ପାର୍ଟି ଓ ପଶ୍ଚିମ ଓଡ଼ିଶା ସେବା ସଂଘ ପକ୍ଷରୁ ନିୟମିତ ସବୁ ଦିନ ଆନ୍ଦୋଳନ ଜାରି ରହିଛି । ଏହା ସତ୍ତ୍ୱେ ଏହି ଧାରଣା ଉପରେ କାହାର ଦୃଷ୍ଟି ପଡୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

## ବଲାଙ୍ଗିର ଜିଲ୍ଲାପାଳଙ୍କ ମହାନତା : ଦୁର୍ଘଟଣାରେ ଗୋଡ ହରାଇଥିବା ଶୁଭମ ଚାଲିପାରିଲେ

ଡିସେମ୍ବର ମାସ ୧୮ତାରିଖରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଟୁଇଟରୁ ମିଳିଥିବା ଖବର ଅନୁଯାୟୀ, ରାସ୍ତା ଦୁର୍ଘଟଣାରେ ଗୋଡ଼ ହରାଇଥିବା ଜଣେ ବାଳକ ଚାଲିବା ପାଇଁ ସକ୍ଷମ ହୋଇଥିଲେ । ଦେଓଗାଁ ବ୍ଲକ ଗାଈବାହାଲ ପଂଚାୟତ ସାଗରପାଲି ଗାଁର ସତ୍ୟ ଛତ୍ରୀଆଙ୍କ ପୁଅ ଶୁଭମ ଛତ୍ରିଆ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ଡାହାଣ ଗୋଡ଼ ହରାଇଥିଲେ । ସେଦିନରୁ ଚାଲିବାକୁ ଅକ୍ଷମ ହୋଇଥିଲେ ଶୁଭମ୍ । ଏନେଇ ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ଗୁହାରି କରି ଥିଲେ ବାପା । ଶୁଭମଙ୍କ ଚିକିତ୍ସା ପାଇଁ ଜିଲ୍ଲାପାଳ ବ୍ୟବସ୍ଥା କରାଇଥିଲେ । ଶୁଭମ୍‌ଙ୍କ ପରୀକ୍ଷା ପରେ ସୁନ୍ଦରଗଡ଼ ଜିଲ୍ଲା ଏଆର୍‌ସିଠାରେ ଏକ କୃତ୍ରିମ ଗୋଡ଼ ଲଗାଯାଇଥିଲା । ଏନେଇ ଜିଲ୍ଲାପାଳ ଟ୍ୱିଟ୍ ମାଧ୍ୟମରେ ସୂଚନା ଦେଇଥିଲେ ।

# ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଟଙ୍କା ଫେରାଅ, ନ ହେଲେ ୧୭ ଜାନୁୟାରୀରୁ ଅନିର୍ଦ୍ଦିଷ୍ଟ କାଳ ସତ୍ୟାଗ୍ରହ – ଜମାକାରୀ ମିଳିତ ମଂଚ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାର ମୁରିବାହାଲ ତହସିଲ ଅଂଚଳର ପଞ୍ଜି ସ୍କିମ (ଚିଟ୍‌ଫଣ୍ଡ) କ୍ଷତିଗ୍ରସ୍ତ ଜମାକାରୀମାନେ ସମସ୍ତ ଜମାକାରୀଙ୍କୁ ତହସିଲ ଜରିଆରେ ଚିହ୍ନଟ ଓ ସମସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦାବୀରେ ତହସିଲ ସମ୍ମୁଖରେ ଜମାକାରୀ ଗଣ ସତ୍ୟାଗ୍ରହରେ ଯୋଗଦେଇଛନ୍ତି । ତହସିଲ ଜରିଆରେ ଜମାକାରୀ ଚିହ୍ନଟ ଓ ଟଙ୍କା ଫେରସ୍ତ ପର୍ଯ୍ୟନ୍ତ ଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନ ଭଳି ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୭ ଜାନୁୟାରୀଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜମାକାରୀ ଗଣ ସତ୍ୟାଗ୍ରହ ଦିବାରାତ୍ର ଚାଲୁ ରହିବ ବୋଲି ଚେତାବନି ଦିଆଯାଇଛି । ମୁରିବାହାଲ ଡାକ ବଙ୍ଗଳା ଛକଠାରୁ ବାହାରି ମୁରିବାହାଲ ତହସିଲ ପହଞ୍ଚିବା ପରେ ମଂଚର ବ୍ଲକ ସଭାପତି ଦଶରଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସତ୍ୟାଗ୍ରହ ସଭାରେ ଜମାକାରୀ ମିଳିତ ମଂଚ ସଭାପତି ଜୟନ୍ତ ଦାସ, ସାଧାରଣ ସଂପାଦକ ମଧୁସୁଦନ ବିଶ୍ୱାଳ, ଉପସଭାପତି ବିଭୁଦତ୍ତ ମିଶ୍ର, ଯୁଗ୍ମ ଆବାହକ ଅନୁରାଧା ସୁବୁଦ୍ଧି, ରାଜ୍ୟ କମିଟି ସଭ୍ୟ ଲଳିତ ଦୀପ, ସୁରଥ ଧରୁଆ, ନବ କୁମାର ଖେତି, ମଧୁବନ ମେହେର, ଗାୟତ୍ରୀ ଦାସ, ପୃଥ୍ୱୀରାଜ ସିଂ ବାଗ, ଚୂଡାମଣୀ ବାଗ, ଯୋଗେଶ ଛତ୍ରିଆ, ଗୋକୁଳ ଭୋଇ, ଗୋପ ନାଗ, ସୁଶାନ୍ତ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ସରକାରୀ ପ୍ରୋତ୍ସାହନରେ ଠକ କଂପାନୀମାନେ ଜମାକାରୀଙ୍କ ଠାରୁ ଜମା ଟଙ୍କା ନେଇ ଉଭାନ୍ ହୋଇଥିବା ବେଳେ ଠକେଇ ଘଟଣା ଗଣମାଧ୍ୟମ ଲୋକ ଲୋଚନକୁ ଆଣିବା ପରେ ଜମାକାରୀ ଆନ୍ଦୋଳନ ହେବାରୁ ମୁଖ୍ୟମନ୍ତ୍ରୀ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରତିଶୃତି ଦେଇ ବାରମ୍ବାର ଭୋଟ ନେଇ କ୍ଷମତାରେ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଜମାକାରୀଙ୍କ ଟଙ୍କାରେ କଂପାନୀମାନେ କରିଥିବା ହଜାର ହଜାର କୋଟି ଟଙ୍କାର ସଂପତ୍ତି, ବ୍ୟାଙ୍କ ବାଲାନ୍ସ, ଜମି ଜମା, କୋଠାବାଡି, ଗାଡି, ଶିଳ୍ପ ଇତ୍ୟାଦିକୁ ସରକାର ଜବତ କରି ବିକ୍ରି କରି ସେ ଅର୍ଥ ସରକାର ନିଜେ ନିଜ ପାଖରେ ରଖି ଜମାକାରୀଙ୍କୁ ନ ଫେରାଇ ଖାଇଗଲେଣି । କେବଳ ସେତିକି ନୁହେଁ ସାହାରା ଭଳି କଂପାନୀ ୪ଟି ମଲ୍ଟି ଷ୍ଟେଟ କୋ ଅପରେଟିଭ୍ ମାଧ୍ୟମରେ ସ୍କିମ ଭିତ୍ତିରେ ଟଙ୍କା ଜମା ନେଇ ପରିପକ୍ୱ ରାଶି ନ ଫେରାଇ କେବଳ ନୂଆ ସ୍କିମର ଜମା ରସିଦ ଦେଇ ଜାମାକାରୀଙ୍କ ଗତ ୭/୮ ବର୍ଷ ହେଲା ଟଙ୍କା ଫାଙ୍କି ଚାଲିଛି । ପୋଲିସ ତା ବିରୋଧରେ ଇତାଲା ନେଉ ନାହିଁ । ସରକାରଙ୍କ ଛତ୍ରଛାୟା ତଳେ ଏବେ ମଧ ଲୁଟ ଲାଗିଛି । ଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନ ସଫଳତା ପରେ ଜମାକାରୀ ଏବେ ସଂକଳ୍ପ ନେଲେଣି ଯେ, ସମସ୍ତ ଜମାକାରୀ ଟଙ୍କା ଫେରସ୍ତ ପର୍ଯ୍ୟନ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ବସି ରହିବେ । ଶେଷରେ ତହସିଲଦାର ଦାବୀପତ୍ର ଗ୍ରହଣ କରି ତହସିଲ ଜରିଆରେ ଯାଞ୍ଚ ପାଇଁ ଆସିଥିବା ଜମାକାରୀଙ୍କ ତାଲିକା ମଂଚ ସହାୟତା ନେଇ ଖୁବ୍ ଶୀଘ୍ର ଯାଞ୍ଚ ହୋଇଥିବା ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରତିଶୃତି ଦେଇଥିଲେ ।

# ବଲାଙ୍ଗିରରେ ଜାତୀୟ ଖାଉଟି ଦିବସ ପାଳିତ



ବଲାଙ୍ଗିର, (ନିପ୍ର) : ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଭବନ ସଭାଗୃହରେ ଆଜି ଦିନ ୧୧.୩୦ମି.ରେ ଜାତୀୟ ଖାଉଟି ଦିବସ ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥିଙ୍କ ଅଧ୍ୟକ୍ଷତା ଓ ସଂଯୋଜନାରେ ପାଳିତ ହୋଇଯାଇଛି । ଅତିଥି ଭାବେ ବଲାଙ୍ଗିର ଭୀମ ଭୋଇ ମେଡିକାଲ ଓ ହସ୍‌ପିଟାଲର ଡେପୁଟି ସୁପରିଟେଣ୍ଡେଣ୍ଟ ଡ. ମୁରଲିଧର ପାଣିଗ୍ରାହୀ ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡିଶା ସରକାର ନେଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି ଭୀମ ଭୋଇ ମେଡିକାଲ କଲେଜ ସ୍ଥାପନ ପରେ ଇତି ମଧ୍ୟରେ ଏହା ଏକ ଉତ୍କୃଷ୍ଟ ଭଲ ସେବା ପ୍ରଦାନକାରୀ ସେବା ଭାବରେ ସବୁ ପ୍ରକାର ସ୍ୱୀକୃତି ପାଇଛି । ମେଡିକାଲ କଲେଜ ତିନି ବର୍ଷ ହେଲା ହୋଇଥିବା ଯୋଗୁଁ ଅନେକ ସେବାର ଅଭାବ ପରିଲକ୍ଷିତ ହେଉଛି । ଆଗକୁ ଏହା ସୁଧୁରି ଯିବ । ଜନସାଧାରଣଙ୍କୁ ଉନ୍ନତ ସେବା ମିଳିବା କ୍ଷେତ୍ରରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗ୍ରାହକ ସଚେତନ ହୋଇ ସଂଗଠିତ ହେଲେ ନିଜର ହକ୍ ପାଇପାରିବେ । ସରକାର ଖାଉଟି ସୁରକ୍ଷା ଆଇନରେ ଯେଉଁ ସବୁ ସୁବିଧା ଗ୍ରାହକମାନଙ୍କ ପାଇଁ ଅଛି ତାହା ସେ ବର୍ଣ୍ଣନା କରି ଗ୍ରାହକ ପଂଚାୟତର ସଭ୍ୟମାନେ ସଚେତନ, ସେମାନେ କରୁଥିବା କାମ ଉଲ୍ଲେଖ କରିବା ସହିତ ନିକଟ ଅତୀତରେ ବଲାଙ୍ଗିରର ବିଭିନ୍ନ ସ୍କୁଲ କଲେଜରେ ଛାତ୍ରମାନଙ୍କୁ ଗ୍ରାହକ ସଚେତନତା ବିଷୟରେ ସଚେତନତା ପାଇଁ କରିଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ । ରାଜ୍ୟ ଉପସଭାପତି ଶଶିଭୂଷଣ ପୁରୋହିତ ବକ୍ତା ଭାବରେ ଯୋଗଦେଇ ଖାଉଟି ଦିବସର ଉତ୍ପତି ବିଷୟରେ କହିବା ସଙ୍ଗେ ସଙ୍ଗେ ଗ୍ରାହକ ଆଇନରେ ଥିବା ସୁବିଧା ଉପରେ ବର୍ଣ୍ଣନା କରି ଜିଲ୍ଲା ଖାଉଟି ଅଦାଲତରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିବାଦର ସମାଧାନ ପାଇଁ ଖାଉଟି ନିଜେ ନିଜର କେସ୍ ବିନା ଓକିଲ ସହଯୋଗରେ ଲଢିପାରିବେ ବୋଲି କହିଥିଲେ । ପଂଚାୟତର ଉପଦେଷ୍ଟା ମଗନଲାଲ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ ଗ୍ରାହକ ପଂଚାୟତ ଏଠାରେ ତାର କାର୍ଯ୍ୟ କ୍ଷେତ୍ରରେ ବୃଦ୍ଧି କରି ଏକତ୍ରିତ ହୋଇ କାମ କରୁଥିବା ଯୋଗୁଁ ଅନେକ ସଫଳତା ପାଇବାରେ ସକ୍ଷମ ହୋଇଛି । ସେ ଆହୁରି ସଂଗଠିତ ହୋଇ ଜିଲ୍ଲାରେ ସଭ୍ୟ ସଂଗ୍ରହ କରି କାର୍ଯ୍ୟକ୍ଷେତ୍ରରେ ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ ।

ରାଜ୍ୟ ପ୍ରଚାର ପ୍ରସାର ପ୍ରମୁଖ ଇଂ କିଶୋର ମୋହନ ମିଶ୍ର ନିଜ ନିଜର ଅଧିକାର ପ୍ରତି ସଚେତନ ହେବା ପାଇଁ କହିବା ସଙ୍ଗେ ସଙ୍ଗେ ପଂଚାୟତ ପ୍ରତି ସଭ୍ୟ ଆହୁରି ଲୋକଙ୍କୁ ସଚେତନ କରି ସାମିଲ କରିବାକୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରିଣୀ ସଦସ୍ୟା ରଂଜିତା ମିଶ୍ର, ସଂଯୁକ୍ତା ମିଶ୍ର ବକ୍ତବ୍ୟ ରଖିଥିଲେ । ସାଧାରଣ ସଂପାଦକ ଅଶୋକ କୁମାର ମିଶ୍ର ବିବରଣୀ ପ୍ରଦାନ କରିଥିବା ବେଳେ ଶେଷରେ ସହସଂପାଦକ ମାଳତି ଉଦ୍‌ଗାତା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଚାର ପ୍ରସାର ପ୍ରମୁଖ ଶ୍ରୀ ମିଶ୍ର ପୂର୍ବରୁ ପ୍ରସ୍ତାବିତ ହୋଇଥିବା ଅଶୋକ କୁମାର ମିଶ୍ର (ଖ)ଙ୍କୁ ସଂଗଠନର ସଂପାଦକ ଦାୟିତ୍ୱ ଦିଆଯାଇଥିବା ମଞ୍ଜୁରୀ ଘୋଷଣା କରିଥିଲେ । ସେ ନିଜର ଦାୟିତ୍ୱ ଠିକ୍ ଭାବରେ ସଂପାଦନ କରିବାକୁ ପ୍ରତିଶୃତି ଦେଇଥିଲେ । ଆରମ୍ଭରେ ସ୍ୱାମୀ ବିବେକାନନ୍ଦ ଓ ଭାରତମାତାଙ୍କ ପୂଜାଅର୍ଚ୍ଚନା କରି ଆରମ୍ଭ ହୋଇଥିବା ବେଳେ ଶେଷରେ ଶାନ୍ତିପାଠ ପରେ ସମାପନ ହୋଇଥିଲା ।

# ନେହେରୁ ଯୁବ କେନ୍ଦ୍ର ବଲାଙ୍ଗିର ପକ୍ଷରୁ କୁଇଜ ପ୍ରତିଯୋଗିତା



ପାଟଣାଗଡ, (ନିପ୍ର) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଚଂଗରିଆ ପଂଚାୟତ ପାଞ୍ଚଛକ ସ୍ଥିତ ଜୟ ମା’ ପାଟଣେଶ୍ୱରୀ ମହାବିଦ୍ୟାଳୟ ପରିସରରେ ନେହେରୁ ଯୁବ କେନ୍ଦ୍ର ବଲାଙ୍ଗିରଙ୍କ ଆନୁକୂଲ୍ୟରେ କୁଇଜ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ଏଥିରେ ମା’ ପାଟଣେଶ୍ୱରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୁଶୀଲ କୁମାର ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବର୍ଷା ଜଳ ସଂରକ୍ଷଣ କରନ୍ତୁ ଯେଉଁଠାରେ ପଡୁଛି ଯେତେବେଳେ ପଡୁଛି ଶିର୍ଷକ ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ମହାବିଦ୍ୟାଳୟର ୭୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମହାବିଦ୍ୟାଳୟ ଏମ୍‌ଡି କ୍ଷୀରୋଦ କୁମାର ଷଡ଼ଙ୍ଗୀ ଯୁକ୍ତ ୨ର ଅଧ୍ୟକ୍ଷ ସସ୍ମିତା ସେନ୍ ବାରିକ, ଯୁକ୍ତ ୩ର ଅଧ୍ୟକ୍ଷ ବିଶ୍ୱନାଥ ଦଳପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ହିଁ ଛାତ୍ରଛାତ୍ରୀମାନଙ୍କ ଅର୍ନ୍ତନିହିତ ଗୁଣ ପରିପ୍ରକାଶ ସହ ବୁଦ୍ଧିର ବିକାଶ ହୋଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ଗୁରୁ ମତବ୍ୟକ୍ତ କରିଥିଲେ । ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ବିଜେତା ପ୍ରତିଯୋଗୀ ୧ମ ସ୍ଥାନରେ ଜୟନ୍ତ ବନ୍‌ଛୋର, ରନୁନିଆଲ, ୨ୟ ମାର୍କଣ୍ଡ କଠାର, ଟିକେରାଜବରିହା, ୩ୟ ପ୍ରିୟରଞ୍ଜନ ପ୍ରଧାନ, ମିନା ବୁଡେକ ସ୍ଥାନ ଅଧିକାର କରିଥିଲେ ତାଙ୍କୁ ଅତିଥି ଗଣ ମାନପାତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ନେହେରୁ ଯୁବ କେନ୍ଦ୍ର ବଲାଙ୍ଗିର ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ଘିଭେଲା, ସ୍ୱେଚ୍ଛାସେବୀ ଶମ୍ଭୁ ପ୍ରସାଦ ଘିଭେଲା, ସ୍ୱେଚ୍ଛାସେବୀକା କୁନି ବରିହା, ଜୟତରୁଣ ଯୁବକ ସଂଘର ସମ୍ପାଦକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ୭୨ତମ ଜୟନ୍ତୀ ଅବସରରେ ‘ପ୍ରେମ’ ସଭାପତି ଡ଼. ଥୁଣ୍ଡିଲଙ୍କୁ ଅଭିନନ୍ଦନ



ବ୍ରହ୍ମପୁର, (ନିପ୍ର) : ଭାରତ ବର୍ଷର ସ୍ୱନାମଧନ୍ୟ ସମାଜସେବୀ ତଥା ‘ପ୍ରେମ’ର ସଭାପତି ଡ. ଜାକୋବ ଥୁଣ୍ଡିଲଙ୍କ ୭୨ତମ ଜୟନ୍ତୀ ଅବସରରେ ଆୟୋଜିତ ସଭାରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ‘ପ୍ରେମ’ ସଂଗଠନର ମୁଖ୍ୟ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନାର ଉତ୍ତର ଦେଇ ଡ. ଥୁଣ୍ଡିଲ କହିଲେ ସେ ୧୯୮୦ ମସିହାରୁ ନିଜର ସମସ୍ତ ପାରିବାରିକ ବନ୍ଧୁଙ୍କୁ ତୁଟାଇ ସମାଜରେ ଥିବା ଦଳିତ, ନିଷ୍ପେସିତ ଓ ଅବହେଳିତ ଜନସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି କିଭଳି ହୋଇପାରିବ ସେଥିପାଇଁ ସେ ୪୩ ବର୍ଷ ଧରି ଲଗାତର ଉଦ୍ୟମ କରି ଲକ୍ଷାଧିକ ଲୋକଙ୍କ ପାଖରେ ପହଞ୍ଚି ପାରିଛନ୍ତି ବୋଲି କହିଥିଲେ । ‘ପ୍ରେମ’ ସଂଗଠନ ୧୪ଟି ରାଜ୍ୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ବେଶ୍ ସଫଳତା ହାସଲ କରିପାରିଛି । ସେ କହିଲେ, ଶିକ୍ଷା ବ୍ୟବସ୍ଥା ଦ୍ୱାରା ଜାତି, ଧର୍ମ, ବିଦ୍ୱେଷ ଲୋପ ପାଇବ । ସମାଜର ଉଚ୍ଚ ବର୍ଗର ଲୋକଙ୍କ ପାଇଁ ସମସ୍ୟା ନଥିବା ବେଳେ ସମୟର ପରିବର୍ତ୍ତନ ଯୋଗୁଁ ଆଜି ତଳ ଶ୍ରେଣୀର ଲୋକ ମଧ୍ୟ ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି । କିନ୍ତୁ ମଧ୍ୟବିତ୍ତ ଶ୍ରେଣୀର ଲୋକ କୌଣସି ଯୋଜନାର ସୁଫଳ ପାଇପାରୁନାହାନ୍ତି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ଢ଼ାଞ୍ଚାରେ ‘ପ୍ରେମ୍’ ମୂଳରୁ ହିଁ କାର୍ଯ୍ୟକ୍ରମ କରି ଆସୁଛି । ଗ୍ରାମର ବିକାଶ ହେଲେ ଦେଶର ବିକାଶ ସମ୍ଭବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ‘ପ୍ରେମ’ର ସମ୍ପାଦକ ଚାକୋ ପୁରୁବାନାନି, ସାମ୍ବାଦିକ ଜୟକୃଷ୍ଣ ହୋତା, ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ଜିଲା କଲ୍ୟାଣ ଅଧିକାରୀ ପିତବାସ ଦାଶ, ଆଡଭୋକେଟ ନାଗେଶ୍ୱର ରାଓ, ସୁଧୀର ଦିଗାଲ, ସତ୍ୟ ନାରାୟଣ ପାତ୍ର, ସାମ୍ବାଦିକ ସୁଦୀପ୍ତ ଷଡ଼ଙ୍ଗୀ, ‘ପ୍ରେମ୍’ର କର୍ମକର୍ତ୍ତା ରବିନ୍ଦ୍ର ନାଥ ମହାନ୍ତି, ଏସ.କେ ମହାନ୍ତି, ଶିବ ପ୍ରସାଦ, ନବୀନ ମିଶ୍ର, ଶ୍ରୀନିବାସ ରାଓ, ଭାଲେରିୟାନ ଡି. ଲିମା ପ୍ରମୁଖ ଯୋଗଦେଇ ନିଜର ଭାଷଣରେ ପ୍ରେମ ସଭାପତିଙ୍କ ଗୁଣଗାନ କରିବା ସହ ଜନ୍ମ ଦିନର ଶୁଭେଚ୍ଛା ଜଣାଇ ଦୀର୍ଘ ଜୀବନ କାମନା କରିଥିଲେ । ଶେଷରେ ‘ପ୍ରେମ’ ଲୋକସମ୍ପର୍କ ଅଧିକାରୀ ରତନ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ବାଲ୍ୟ ବିବାହ ନିଷେଧ ଟାକ୍ସ ଫୋର୍ସ ଏବଂ ବ୍ଲକସ୍ତରୀୟ ଶିଶୁ ଶ୍ରମିକ ନିଷେଧ ଟାକ୍ସ ଫୋର୍ସର ତ୍ରୟୋମାସିକ ବୈଠକ



ତୁରେକେଲା, (ନିପ୍ର) : ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟି, ବ୍ଲକ୍ ସ୍ତରୀୟ କିଶୋର, କିଶୋରୀ ଦକ୍ଷତା ବୃଦ୍ଧି ଓ ବାଲ୍ୟ ବିବାହ ନିଷେଧ ଟାକ୍ସ ଫୋର୍ସ ଏବଂ ବ୍ଲକ ସ୍ତରୀୟ ଶିଶୁ ଶ୍ରମିକ ନିଷେଧ ଟାକ୍ସ ଫୋର୍ସର ତ୍ରୟୋମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିଡ଼ିପିଓ ସରୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରମୁଖ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାମଲ ବାଲ୍ୟ ବିବାହ ନିଷେଧ ଟାକ୍ସ ଫୋର୍ସ ଏବଂ ବ୍ଲକ ସ୍ତରୀୟ ଶିଶୁ ଶ୍ରମିକ ନିଷେଧ ଟାକ୍ସ ଫୋର୍ସର ବିଷୟରେ ଆଲୋଚନା କରିଥିଲେ । ତତ୍ ସଙ୍ଗେ ସଙ୍ଗେ ବିପିଏମ୍ ନୀଳମାଧବ ସାହୁ, ଏବିଇଓ ଫକିର ଚନ୍ଦ୍ର ବିଶି, ଶିକ୍ଷକ ପ୍ରେମରାଜ ପାଣିଗ୍ରାହୀ ଓ ରବିନ୍ଦ୍ର ରଥ, ବିଆର୍‌ସି ଶୁନିଲ ସାହୁ, ଆଶାମା ସଦସ୍ୟାମାନେ, ପ୍ରତ୍ୟେକ ଅଙ୍ଗନବାଡ଼ି ସଦସ୍ୟା ବୃନ୍ଦ ଏବଂ ଛାତ୍ରଛାତ୍ରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ନିଃସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ବରଗଡ, (ନିପ୍ର) : ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ବରଗଡ ଜିଲ୍ଲା ଶାଖା ତରଫରୁ ବରଗଡ ସହରର ଭଟଲି ଛକ, ବାନ୍ଧୁ ଟିକ୍ରା ଛକ, ଗୌରପଡା ଛକ, ଥାନା ଛକ, ରେଲୱେ ଷ୍ଟେସନପଡା, ଡାକ୍ତରଖାନା ଛକ, ପ୍ରାଇଭେଟ୍ ବସଷ୍ଟାଣ୍ଡ, ଗମେଣ୍ଟ ବସଷ୍ଟାଣ୍ଡ ଆଦି ଛକ ମାନଙ୍କରେ ଅସହାୟ, ଦଳିତ ଓ ନିଷ୍ପେସିତ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ।

ଏହି ଅବସରରେ ରାଜ୍ୟ ଉପସଭାପତି ଆଶୁତୋଷ ରଥଙ୍କ ସମେତ ନିଷ୍ଠା ପରିବାରର ଅଶ୍ୱିନୀ ଷଡ଼ଙ୍ଗୀ, ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ବରିଷ୍ଠ ସାମ୍ବାଦିକ କିଶନଲାଲ ଅଗ୍ରୱାଲ, ପ୍ରଦୀପ୍ତ ଭାନୁ ମହାନ୍ତି, ସମ୍ପାଦକ ପରମାନନ୍ଦ ମିଶ୍ର, ସରୋଜ ନାୟକ ପ୍ରମୁଖ ସାମିଲ ହୋଇ କମ୍ବଳ ବଣ୍ଟନ କରିଥିଲେ ।

# ନବ ନିଯୁକ୍ତ ବିସିସିଆଇ ସଦସ୍ୟଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା : କ୍ରୀଡାର ସାମୁହିକ ଉନ୍ନତି ପାଇଁ ମୁଁ ସର୍ବଦା ଅଙ୍ଗୀକାରବଦ୍ଧ, କହିଲେ ହରିନାରାୟଣ




ବଲାଙ୍ଗିର, (ନିପ୍ର) : ନବ ନିଯୁକ୍ତ ବିସିସିଆଇ ଟୁର୍, ଫିକ୍ସଚର୍ ଓ ଟେକ୍ନିକାଲ୍ କମିଟି ସଦସ୍ୟ ହରିନାରାୟଣ ପୁଜାରୀଙ୍କୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ସାମୁହିକ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ସାମୁହିକ ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ ସଂଘର ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ ଓ ସଭା ସଂଚାଳନ କରିଥିଲେ ସାମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର ।

ସଂଘର ସାଧାରଣ ସମ୍ପାଦକ ବଳରାମ ମିଶ୍ର ମଂଚାସୀନ ରହିଥିବା ବେଳେ ବରିଷ୍ଠ ସାମ୍ବାଦିକ ସତ୍ୟସୁନ୍ଦର ଭଂଜ ଓ ସାଂଗଠାନିକ ସଂପାଦକ ଶରତ କୁମାର ମିଶ୍ର ପରିଚାଳନାରେ ବିଶେଷ ସହଯୋଗ କରିଥିଲେ । ଏହି ଅବସରରେ ଜିଲ୍ଲା ସାମ୍ବାଦିକ ସଂଘ, ଜିଲ୍ଲା କ୍ରୀଡା ସଂସଦ, ବାର୍ ଏସୋସିଏସନ୍, ସିଟିଜନ୍ କମିଟି, ନବକିଶୋର କ୍ଲବ, ମହିଳା କ୍ରିକେଟ କ୍ଲବ, ନାଏକ କ୍ରିକେଟ ଏକାଡେମୀ, କୋଶଳ ପ୍ରବାହ ପରିବାର, ତହଁକ ସାହିତ୍ୟ କୁଟୁମ୍ବ, ବଲାଙ୍ଗିର ବଣିକ ସଂଘ, ଅବସରପ୍ରାପ୍ତ ସୈନିକ ସଂଘ, ବଲାଙ୍ଗିର ଏକ୍ସନ କମିଟ, ସାଇଟ କଲଚରାଲ ସୋସାଇଟ, ବିଙ୍ଗ୍ ହ୍ୟୁମେନ ଫାଉଣ୍ଡେସନ, ମାହେଶ୍ୱରୀ ସେବା ସଂଗଠନ, ଭୂମିକା, ରଚନା, ରୁଗୁଡିପଡ଼ା ଦୁର୍ଗାପୂଜା ଟ୍ରଷ୍ଟ, ନାରୀ ଶକ୍ତି ଫାଉଣ୍ଡେସନ, ଦୁଲଦୁଲି କଳା ପରିଷଦ, ନେସନାଲ୍ ପିସ୍ ୟୁନିସନ୍, ନଟରାଜ କଳା ପରିଷଦ, ତୁଳସୀନଗର ଦୁର୍ଗା ପୁଜା କମିଟି, ରୋଟାରୀ ଏଲାଇଟ୍, ମହେଶ୍ୱରୀ ସ୍କୁଲ, ପୁଜ୍ୟ ପୁଜା ସଂଗଠନ, ପ୍ରାଇଭେଟ ସ୍କୁଲ ସଂଗଠନ, ବଲାଙ୍ଗିର ସାହିତ୍ୟ ଘର, ପୁଇଁନ୍ତଲା ସାହିତ୍ୟ ଘର, ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ, ପଲ୍ଲୀ ଆଲୋକ ପାଠାଗାର, ବିଡିଜିଏ, ଟେଂଟ୍ ହାଉସ ଏସୋସିଏସନ୍, ଅମିତାଭ ଫେନ କ୍ରିକେଟ କ୍ଲବ, ରାଜେନ୍ଦ୍ର ଯୁବକ ସଂଘ, ରୟାଲ କ୍ରିକେଟ କ୍ଲବ, ପଂଚମ, ଅଶ୍ରୁ, ବାରିକ ସମାଜ, ଜିଲ୍ଲା ଯୁବ କୁଲତା ସମାଜ, ଯାଦବ ସମାଜ, ରାଧାରାଣୀପଡ଼ା କ୍ରିକେଟ କ୍ଲବ, ମାରୱାଡି ଯୁବା ମଂଚ, ମାରୱାଡି ପ୍ରାଦେଶିକ ଯୁବା ମଂଚ, ନାଏକ କୋଂଚି ଏକାଡେମୀ, ଲଳିତ ନାଏକ ଫାଉଣ୍ଡେସନ, ସିନିୟର ସିଟିଜନ, କଳାକାର ସଂଘ, ସିସିଏଫଏ, ହୋମଗାର୍ଡ କ୍ଲବ, ଭେଟେରାନ ଫୁଟବଲ କମିଟି, ସିଏଫ୍ଏ, ଏପିଜେ ଲୋଇସିଂହା, ଏଏ ଆଗଲପୁର, ଜେଜେଏଫସି ବଘଲା, ଚନ୍ଦ୍ର ଶେଖର ସାହିତ୍ୟ ସଂଘ, ଝାରମୁଣ୍ଡା ଏଥେଲେଟିକ୍ସ ଏସୋସିଏସନ୍, ସୁପ୍ରିମ ଟାକ୍ସ ହସପିଟାଲ, ରିନବଚନ ଚୈତନ୍ୟ ଯୁବକ ସଂଘ, ସିନିୟର ଭଲିଭଲ ଟିମ, ଜିଲ୍ଲା ଖୋଖୋ ରେଫରି ଏସୋସିଏସନ୍, ଜିଲ୍ଲା ପିଇଟି ଓ ପିଇଆଇ ଏସୋସିଏସନ୍, ଲାଇଟ ଏଣ୍ଡ ସାଉଣ୍ଡ ଏସୋସିଏସନ୍, ଜିଲ୍ଲା ସ୍କୁଲ କ୍ରିକେଟ ଅଫିସିଆଲ, ପାଟଣାଗଡ଼ କ୍ରିକେଟ କ୍ଲବ, ନବଜ୍ୟୋତି ୟୁଥ କ୍ଲବ, ଲାୟନ୍ସ କ୍ରିକେଟ ଏକାଡେମୀ, ବୁଢ଼ାବାହାଲ କ୍ରିକେଟ କମିଟି, ଜଗନ୍ନାଥ କ୍ଲବ, ଦୁଲଦୁଲି କଳା ପରିଷଦ, ଏଏ କାଲସାଏପାଲି, ଅଭୟ ସ୍ୱଟିଂ, କଷ୍ଟେବଲ ଓ ହାବିଲଦାର ସଂଘ, ବରିଷ୍ଠ ନାଗରିକ ସଂଘ, ବୁଢ଼ାବାହାଲ କ୍ରିକେଟ କ୍ଲବ, ଭେଟରାନ ଫୁଟବଲ କ୍ଲବ, କଳାକାର ସଂଘ, କ୍ରେଜ୍ କ୍ରିକେଟ କ୍ଲବ, ଭିକ୍ଟୋରିଅସ କ୍ଲବ, ଚର୍ଚ୍ଚ କମିଟି, କାର୍ଡ ବ୍ୟାଙ୍କ ସଂଘ, ସିଭିଲ ସୋସାଇଟି, ହଳଧର ପାଠାଗାର, ସ୍ୱେଚ୍ଛାସେବୀ ସଂଗଠନ, ଜିଲ୍ଲା ବିଜୁ ଜନତା ଦଳ, ପାଟଣାଗଡ଼ କ୍ରିକେଟ କ୍ଲବ, କାଦୋପଡ଼ା କ୍ରିକେଟ କ୍ଲବ, ଲାୟନ୍ସ କ୍ରିକେଟ କ୍ଲବ ପାଟଣାଗଡ଼, ଖପ୍ରାଖୋଲ କ୍ରିକେଟ ଏସୋସିଏସନ, ନେତାଜୀ ସଂଗ୍ରାମୀ ପରିଷଦ, ରୁଗୁଡିପଡ଼ା ଏମଇ ସ୍କୁଲ ବେଚ୍, ଡୁଲୁସର ରାମଜୀ ସାଂସ୍କୃତିକ ପରିଷଦ, ଜିଲ୍ଲା ଉଷୋ ଏସୋସିଏସନ, ନିଗମାନନ୍ଦ ନାଥ, ଅଚ୍ୟୁତ ପୁରୋହିତ ତଥା ଶତାଧିକ ସଂଗଠନ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ପୁଜାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ସଭାପତିତ୍ୱ ଅଭିଭାଷଣରେ ଆନନ୍ଦ ଚନ୍ଦ୍ର ସାହୁ ଶ୍ରୀ ପୁଜାରୀଙ୍କ ସଫଳ କ୍ରୀଡା ସାଂଗଠାନିକ ଦକ୍ଷତା ଓ ପରୋପକାରୀ ମାନସିକତା ସଂପର୍କରେ ଆଲୋକପାତ କରିଥିଲେ । ସାମୁହିକ ସମ୍ବର୍ଦ୍ଧନାର ପ୍ରତି ଉତ୍ତରରେ ଶ୍ରୀ ପୁଜାରୀ କହିଥିଲେ ଯେ ସାମଗ୍ରିକ କ୍ରୀଡା ଜଗତର ଉନ୍ନତି ପାଇଁ ମୁଁ ଅଙ୍ଗୀକାରବଦ୍ଧ ରହିବି । ଆଗାମୀ ଦିନ ବଲାଙ୍ଗିର ଜିଲ୍ଲାର କ୍ରୀଡ଼ା ଜଗତ ପାଇଁ ବିଶେଷ ଧ୍ୟାନ ଦେବାକୁ ସେ କହିଥିଲେ ।

ଏଇ ବିପୁଳ ସମ୍ବର୍ଦ୍ଧନା ଆଗାମୀ ସମୟରେ ମୋର କାର୍ଯ୍ୟ ଦକ୍ଷତାକୁ ସମୃଦ୍ଧ କରିବ । ସମସ୍ତଙ୍କୁ କୃତଜ୍ଞତା ଜଣାଇ ସଭା ସମାପନ କରାଯାଇଥିଲା ।






## ଜିଲ୍ଲାପାଳଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ମାନବ ଶୃଙ୍ଖଳ ଶୁଭାରମ୍ଭ




ବଲାଙ୍ଗିର, (ନିପ୍ର) : ଜିଲ୍ଲାସ୍ତରୀୟ ମାନବ ଶୃଙ୍ଖଳକୁ ଜିଲ୍ଲାପାଳ ଚଂଚଳ ରାଣା ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶୁଭାରମ୍ଭ କରିଥିଲେ । ଜିଲ୍ଲାସ୍ତରୀୟ ମାନବ ଶୃଙ୍ଖଳରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶାନ୍ତିଲାଲ ଦୀପ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବଲାଙ୍ଗିର ସିଡ଼ିପିଓ, ମହିଳା ସୁରକ୍ଷା ଅଧିକାରୀ ମଂଜୁଳା ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ଦିଗାମ୍ବର କର, ସୁଧାଂଶୁ କୁମ୍ଭାର, ଅରୁଣ ଖୁଆସ, ଚୂଡ଼ାମଣି ପଣ୍ଡା, ଶେଷଦେବ ମହାକୁର, ନିର୍ମଳ ଶର୍ମା, ସୁଦାମ ସୁନା, ମ୍ୟୁନିସିପାଲିଟି ଅଂଚଳର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା, ସ୍ୱୟଂ ସହାୟିକା ଗଣ ଭାଗ ନେଇଥିଲେ । ଏହାର ଠିକ୍ ପରେ ପରେ ଜିଲ୍ଲାର ୧୪ଟି ଯାକ ବ୍ଲକ, ୩୧୭ ପଞ୍ଚାୟତ ଓ ସମସ୍ତ ଗାଁରେ ମଧ ମାନବ ଶୃଙ୍ଖଳ କରାଯାଇ ବ୍ୟାପକ ସଚେତନତା ଜିଲ୍ଲାବ୍ୟାପୀ ସୃଷ୍ଟି କରାଯାଇଥିଲା । ଏହାପରେ ପୂର୍ବାହ୍ନରେ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଶିଶୁମାନଙ୍କ ପାଇଁ ଥିବା ସମସ୍ତ ଟାସ୍କ-ଫୋର୍ସ ଓ କମିଟି ସମୂହର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହାକୁ ଲକ୍ଷ୍ମୀ ସିଂ ପରିଚାଳନା କରିବା ସଂଗେ ସଂଗେ ଜିଲ୍ଲାରେ ଶିଶୁମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତାର ସ୍ଥିତିକୁ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥାପନ କରିଥିଲେ ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ପଟେଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୃବଚରଣ ବେହେରା, ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଅଧିକାରୀ, ଅତିରିକ୍ତ ଶ୍ରମ ଅଧିକାରୀ, ଶିଶୁମଙ୍ଗଳ ସମିତିର ଯୋଗେଶ୍ୱର ମହାନ୍ତି, ଡା. ଗୋଦାବରିଶ ରଥ, ବିରଂଚି ବହିଦାର, ନନ୍ଦକିଶୋର ଷାଣ୍ଢେ, ସୁନିତା ତ୍ରିପାଠୀ, ଜିଲ୍ଲାରେ କାର୍ଯ୍ୟ କରୁଥିବା ଚାଇଲ୍ଡ ଲାଇନ୍ର କର୍ମକର୍ତ୍ତା, ସୁଧାର ଗୃହ, ସଖୀର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବ୍ଲକ୍ର ସିଡ଼ିପିଓ ଗଣ ଉପସ୍ଥିତ ଥିଲେ ।

## ମାଲକାନଗିରିରେ କାର୍ଯ୍ୟରତ ସାମ୍ବାଦିକଙ୍କ ଗିରଫ ଘଟଣାକୁ ନିନ୍ଦା କଲା ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ : ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ

ବଲାଙ୍ଗିର, (ନିପ୍ର) : ସତ୍ୟ ଖବର ପ୍ରସାରଣ କରିଥିବା ମାଲକାନଗିରିର ପାଂଚ ଜଣ ସାମ୍ବାଦିକଙ୍କୁ ମିଥ୍ୟା ଏତଲା ଆଧାରରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣାକୁ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ଦୃଢ଼ ଭାବେ ନିନ୍ଦା କରିଛି । ଏଭଳି ଏକ ଘଟଣାରେ ଗଣମାଧ୍ୟମର କଣ୍ଠରୋଧ କରାଯାଇଥିବାରୁ ରାଜ୍ୟର ସାମ୍ବାଦିକ ମର୍ମାହତ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡିଥିବା ସ୍ୱାସ୍ଥ୍ୟ ସେବାର ଅସଲ ଚେହେରାର ଖବର ପରିବେଷଣ କରି ସରକାରଙ୍କୁ ଅବଗତ କରିବାକୁ ଚେଷ୍ଟା କରୁଥିବା ବେଳେ କେତେକ ଅସାଧୁ ଡାକ୍ତରଙ୍କ ଚାପରେ ପଡ଼ି ମାଲକାନଗିରି ପୋଲିସ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାରେ ଡାକ୍ତରମାନେ ନିଜ ଦୋଷ ଲୁଚାଇବାକୁ ଯାଇ ସେହି ସାମ୍ବାଦିକମାନଙ୍କ ନାମରେ ମିଥ୍ୟା ଏତଲା ଦେଇଥିଲେ । ପୋଲିସ କୌଣସି ପ୍ରକାର ତଦନ୍ତ ନକରି ରାତି ଅଧିଆ ୫ଜଣ ସାମ୍ବାଦିକଙ୍କୁ ଗିରଫ କରିବା ଓ କୋର୍ଟ ଚାଲାଣ କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଥିଲା । ଗିରଫ ସାମ୍ବାଦିକମାନେ ଜାମିନରେ ଖଲାସ୍ ହୋଇଥିଲେ ହେଁ, ସେମାନଙ୍କ ବିରୁଦ୍ଧରେ କରାଯାଇଥିବା ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର କରିବାକୁ ଜିଲ୍ଲା ସାମ୍ବାଦିକ ସଂଘ ଦାବୀ କରୁଛି ।

ଏହାସହ କାର୍ଯ୍ୟରତ ସାମ୍ବାଦିକଙ୍କ ପ୍ରତି ପୋଲିସର ଦମନମୂଳକ ନୀତି ଯୋଗୁଁ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି । ଆଗାମୀ ଦିନରେ ଏଭଳି ଘଟଣାର ଯେଭଳି ପୁନବରାବୃତ୍ତି ନହୁଏ, ସେଥିପ୍ରତି ଯତ୍ନବାନ ହେବାକୁ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବୀ ରଖିଛି । ଆଗାମୀ ସମୟରେ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ନିଆଯିବାକୁ କୁହାଯାଇଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu